Odia Daily

www.theutkalsamachar.com

ଉତ୍କଳ ସମାଚାର

ବୈପ୍ଳବିକ ଚେତନାର ମୁଖପତ୍ର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR

✦Vol - 22✦ Issue No:13✦3 May 2026 (Sunday) ✦ Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୧୩✦୩ ମେ ୨୦୨୬ (ରବିବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬

ଚୁକ୍ତି କର ନଚେତ୍ ଆମେ ସମ୍ପୂର୍ଣ୍ଣ ଧ୍ୱଂସ କରିଦେବୁ:

ଇରାନକୁ ଚେତାବନୀ ଦେଲେ ଟ୍ରମ୍ପ...

ୱାସିଂଟନ,୨/୫: ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ, ଇରାନ ପାଖରେ ଏବେ ଦୁଇଟି ବିକଳ୍ପ ବାକି ଅଛି । ଆଲୋଚନା କରି ଏକ ଚୂଡ଼ାନ୍ତ ସମାଧାନ କରିବାକୁ କିମ୍ବା ଆମେରିକା ତେହେରାନ ବିରୋଧରେ ଏକ ପୂର୍ଣ୍ଣସ୍ତରୀୟ ସାମରିକ ଅଭିଯାନ ଆରମ୍ଭ କରି ଧ୍ୱଂସ କରିବା ପାଇଁ ପରୋକ୍ଷରେ ଧମକ ଦେଇଛନ୍ତି । ସେଂଟକମ୍ କମାଣ୍ଡର ଆଡମିରାଲ ବ୍ରାଡ୍ କୁପରଙ୍କ ଦ୍ୱାରା ଦିଆଯାଇଥିବା ସୂଚନା ବିଷୟରେ ପଚରାଯିବାରୁ ଟ୍ରମ୍ପ କହିଥିଲେ,ବିକଳ୍ପ ଅଛି । ଆମେ ସେମାନଙ୍କୁ ସମ୍ପୂର୍ଣ୍ଣ ଭାବରେ ନଷ୍ଟ କରି ସବୁଦିନ ପାଇଁ ଶେଷ କରିବାକୁ ଚାହୁଁନୁ । ଆମେ ଏକ ଚୁକ୍ତି କରିବାକୁ ଚେଷ୍ଟା କରିବାକୁ ଚାହୁଁଛୁ । ଏହା ହିଁ ବିକଳ୍ପ । ମାନବିକତା ଦୃଷ୍ଟିରୁ, ମୁଁ ଏହା ପସନ୍ଦ କରିବି ନାହିଁ । କିନ୍ତୁ ଏହା ହିଁ ବିକଳ୍ପ,ଆମେ ସେଠାରେ ବିସ୍ଫୋରଣ କରିବୁ କି ଅନ୍ୟ କିଛି କରିବୁ ତାହା ପରେ ନିଷ୍ପତି ଗ୍ରହଣ କରାଯିବ । ସେମାନେ ଚୁକ୍ତି ଚାହାନ୍ତି, କିନ୍ତୁ ମୁଁ ଏଥିରେ ସନ୍ତୁଷ୍ଟ ନୁହେଁ । ହ୍ୱାଇଟ୍ ହାଉସରେ ଗଣମାଧ୍ୟମ ସହିତ କଥାବାର୍ତ୍ତା ସମୟରେ ଟ୍ରମ୍ପ କହିଛନ୍ତି, ସେମାନେ ଏକ ଚୁକ୍ତି କରିବାକୁ ଚାହୁଁଛନ୍ତି, କିନ୍ତୁ ମୁଁ ଏଥିରେ ସନ୍ତୁଷ୍ଟ ନୁହେଁ, ତେଣୁ ଆମେ ଦେଖିବୁ କ'ଣ କରାଯାଇ ପାରିବ । ଟ୍ରମ୍ପ ଇରାନର ନେତୃତ୍ୱ ଭିତରେ ଥିବା ଆଭ୍ୟନ୍ତରୀଣ ବିଭାଜନକୁ ମଧ୍ୟ ଇଙ୍ଗିତ କରିଛନ୍ତି । ଇରାନର ନେତାମାନଙ୍କ ମଧ୍ୟରେ ଏକତାର ଅଭାବ ଆଲୋଚନା ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଛି । ଇରାନରେ ନେତୃତ୍ୱ ବିଚ୍ଛିନ୍ନ । ଦେଶରେ ଏକାଧିକ ଗୋଷ୍ଠୀ ଅଛନ୍ତି । ସେମାନେ ସମସ୍ତେ ଏକ ଚୁକ୍ତି କରିବାକୁ ଚାହୁଁଛନ୍ତି, କିନ୍ତୁ ସେମାନେ ସମସ୍ତେ ବିଶୃଙ୍ଖଳିତ । ତେହେରାନ ପାକିସ୍ତାନର ମଧ୍ୟସ୍ଥତାଙ୍କୁ ଶାନ୍ତି ପ୍ରସ୍ତାବ ପଠାଇବାର କିଛି ଘଣ୍ଟା ପରେ, ଇରାନରେ ଯୁଦ୍ଧ ସମ୍ପର୍କରେ ତାଙ୍କର ଯୋଜନା ବିଷୟରେ ଚୁପ୍ ରହିବା ସହିତ ଇରାନ ଉପରେ ଆମେରିକାର ନୂତନ ଆକ୍ରମଣ ଉପରେ ପ୍ରଶ୍ନକୁ ଏଡାଇ ଦେଇଛନ୍ତି ଟ୍ରମ୍ପ । ଟ୍ରମ୍ପ ଇରାନ ସହିତ ଏକ ଶାନ୍ତି ଚୁକ୍ତି ପାଇଁ ଜୋର ଦେଇ କହିଛନ୍ତି, ୱାସିଂଟନ ଯୁଦ୍ଧ ଅପେକ୍ଷା ଆଲୋଚନାକୁ ପସନ୍ଦ କରେ ।

ନାରୀଙ୍କୁ ସୁରକ୍ଷା ଦେବ ଶକ୍ତିଶ୍ରୀ ଆପ୍

ଭୁବନେଶ୍ୱର,୨/୫ (ନି/ପ୍ର): ନାରୀଙ୍କୁ ସୁରକ୍ଷା ଦେବ ଶକ୍ତିଶ୍ରୀ ଆପ୍ । ଉଚ୍ଚ ଶିକ୍ଷା ବିଭାଗରେ କାର୍ଯ୍ୟରତ ମହିଳା କର୍ମଚାରୀ ଓ ଛାତ୍ରୀମାନଙ୍କ ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶକ୍ତିଶ୍ରୀ ଆପ୍ ଲଂଚ କରିଛନ୍ତି । ମହିଳା ସଶକ୍ତିକରଣ ପାଇଁ ସରକାରଙ୍କର ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ଶୈକ୍ଷିକ ବାତାବରଣ ସହ କଲେଜ ଓ ବିଶ୍ୱବିଦ୍ୟାଳୟଗୁଡିକରେ ବିଭାଗର ମହିଳାମାନେ ଏହି ଆପ୍ ମାଧ୍ୟମରେ କୌଣସି ଅଘଟଣର ରିପୋର୍ଟ କରିପାରିବେ । ୨୪ ଘଣ୍ଟା ଏହି ଆଲର୍ଟ ସିଷ୍ଟମ ରହିବ । ଏହି ଆପ୍ଲିକେସନ ମହିଳାମାନଙ୍କ ମନରେ ସାହସିକତା ଭରିବ ।

ଇରାନରେ ଅସ୍ତ୍ରଶସ୍ତ୍ର ହଟାଇବା ସମୟରେ ଭୟଙ୍କର ବିସ୍ଫୋରଣ

ତେହେରାନ,୨/୫: ଇରାନରେ ଏକ ଅତ୍ୟନ୍ତ ଦୁଃଖଦ ଦୁର୍ଘଟଣା ଘଟିଛି ଯାହା ସମଗ୍ର ଦେଶକୁ ଥରାଇ ଦେଇଛି । ଇରାନର ଜାଞ୍ଜନ ପ୍ରଦେଶରେ ଏକ ଅସ୍ତ୍ରଶସ୍ତ୍ର ହଟାଇବା ଅଭିଯାନ ସମୟରେ ଭୟଙ୍କର ବିସ୍ଫୋରଣରେ ୧୪ ଜଣ ଆଇଆରଜିସି ସୈନିକଙ୍କ ମୃତ୍ୟୁ ଘଟିଛି ଏବଂ ଅନ୍ୟ ୨ ଜଣ ଆହତ ହୋଇଛନ୍ତି । ସୈନିକମାନେ ବିସ୍ଫୋରଣ ନ ହୋଇଥିବା ପୁରୁଣା ବୋମା ଏବଂ ଗୁଳିଗୋଳା ବାହାର କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । କୃଷି ଜମିରେ ପଡ଼ିଥିବା ଯୁଦ୍ଧାସ୍ତ୍ର ସଫା କରୁଥିବା ସମୟରେ ଏକ ବୋମା ବିସ୍ଫୋରଣ ହୋଇଥିଲା । ଏହି ଘଟଣା ଏପରି ସମୟରେ ଘଟିଛି ଯେତେବେଳେ ଇରାନ ଏବଂ ଆମେରିକା ସଂଘର୍ଷର ଅନ୍ତ ପାଇଁ ଶାନ୍ତି ଆଲୋଚନା ପାଇଁ ଆଲୋଚନା କରୁଛନ୍ତି । ସମ୍ବାଦ ସରବରାହ ସଂସ୍ଥା ଅନୁଯାୟୀ, ପ୍ରାୟ ୧୨ ହଜାର ହେକ୍ଟର କୃଷି ଜମିରେ ବିଛାଡ଼ି ହୋଇ ପଡ଼ିଥିବା ବିସ୍ଫୋରଣ ହୋଇନଥିବା ବୋମା ଏକ ଗୁରୁତର ବିପଦ ସୃଷ୍ଟି କରୁଛି । ଏହି ଘଟଣା ପରେ, ଆଇଆରଜିସି ଆମେରିକାର ବାଧା ସୃଷ୍ଟି କରୁଥିବାର ନୀତି ବିରୋଧରେ ଅଭିଯୋଗ ଆଣିଛି । ଏହି ସମୟରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ନୂତନ ଆଲୋଚନା ପ୍ରସ୍ତାବକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରି ଆଲୋଚନାକୁ ଆହୁରି ଜଟିଳ କରିଦେଇଛନ୍ତି । ଏକ ସୋସିଆଲ ମିଡିଆ ପୋଷ୍ଟରେ ଆମେରିକାର ନୀତିକୁ କଡ଼ା ସମାଲୋଚନା କରି ଆଇଆରଜିସି ଅଭିଯୋଗ ଆଣିଛି, ଆମେରିକା ସରକାର ଏବେ ବିଶ୍ୱର ଶକ୍ତି ଯୋଗାଣକୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ବାଧା ଦେବାର କାମ କରୁଛନ୍ତି । ଆମେରିକାର ହର୍ମୁଜ୍ ଅବରୋଧ ଚୀନ୍, ରୁଷ ଏବଂ ୟୁରୋପକୁ ନିୟନ୍ତ୍ରଣ କରିବା ପାଇଁ ଏକ ବୃହତ ଯୋଜନାର ଅଂଶ ଥିଲା, କିନ୍ତୁ ଏହି ଯୋଜନା ବିଫଳ ହୋଇଛି

ଡମ୍ପ ଉଦ୍ଧାର କରୁଥିଲେ ଯବାନ; ବିସ୍ଫୋରଣରେ ୩ ଜଣ ସହିଦ, ୧ ଗୁରୁତର

ମାଲକାନଗିରି,୨/୫ (ନି/ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ଧୀରେଧୀରେ ନକ୍ସଲଙ୍କ ଗତିବିଧି କମୁଥିଲେ ମଧ୍ୟ ଜଂଗଲରେ ନକ୍ସଲ ଲୁଚାଇ ରଖିଥିବା ଅସ୍ତ୍ରଶସ୍ତ୍ର ଏବଂ ଜଂଗଲରେ ନକ୍ସଲ ବିଛାଇଥିବା ଲ୍ୟାଣ୍ଡମାଇନକୁ ନଷ୍ଟ କରିବା ପାଇଁ ଯବାନ ପ୍ରତିଦିନ ଜଂଗଲରେ ସର୍ଚ୍ଚ ଅପରେସନ କରୁଛନ୍ତି । ଏହି କ୍ରମରେ ଆଜି ମଧ୍ୟ କାଂକେର ଜିଲ୍ଲାର ଛୋଟେବେଠିଆ ଥାନା ଅନ୍ତର୍ଗତ କାଂକେର ଏବଂ ନାରାୟଣପୁର ସୀମାନ୍ତ ଜଂଗଲରେ ଯବାନ କମ୍ବିଂ ପାଇଁ ବାହାରିଥିଲେ । ଜଂଗଲରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ନକ୍ସଲ ଦ୍ୱାରା ଅସ୍ତ୍ରଶସ୍ତ୍ର ଲୁଚାଇଥିବା ଏକ ଡମ୍ପକୁ ଉଦ୍ଧାର କରଥିଲେ । ଏହି ଡମ୍ପରୁ ଯବାନ ଅତି ସତର୍କତାର ସହ

ମାଟ୍ରିକ୍ ପରୀକ୍ଷା ଫଳ ପ୍ରକାଶିତ:

ପାସ୍ ହାର ୯୫.୩୩ ପ୍ରତିଶତ

କଟକ,୨/୫(ନି/ପ୍ର): ବହୁ ପ୍ରତୀକ୍ଷାର ଅନ୍ତ ଘଟିଛି । ଦଶମ ଶ୍ରେଣୀ ପରୀକ୍ଷା-୨୦୨୬ ଦେଇଥିବା ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକମାନଙ୍କର ହାତରେ ମାଟ୍ରିକ ରେଜଲ୍ଟ ପହଂଚିଛି । ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା-୨୦୨୬ର ଫଳାଫଳ ପ୍ରକାଶ ପାଇଛି । ମାଟ୍ରିକ୍ ରେଜଲ୍ଟକୁ ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ବୋର୍ଡ ସଭାପତି ପ୍ରମୁଖ ଉପସ୍ଥିତିରେ ଜାରି କରାଯାଇଛି । ରେଜଲ୍ଟ ପ୍ରକାଶନ ଅବସରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି, ଚଳିତ ବର୍ଷ ମାଟ୍ରିକ ବାର୍ଷିକ ପରୀକ୍ଷାରେ ପାସ୍ ହାର ୯୫.୩୩ ପ୍ରତିଶତ ରହିଛି । ଅର୍ଥାତ ମୋଟ୍ ୫ଲକ୍ଷ ୧୯ ହଜାର ୨୫୧ ଜଣ ଛାତ୍ରଛାତ୍ରୀ ଉତୀର୍ଣ୍ଣ ହୋଇଛନ୍ତି । ଏ୧ ଗ୍ରେଡ଼ରେ ୨୪୫୩, ଏ୨ ୧୫,୬୮୪, ବି୧ ୪୩,୫୬୫, ବି୨ ୮୬୧୦୩ ଛାତ୍ରଛାତ୍ରୀ ହାସଲ କରିଛନ୍ତି ।

ଦହିବରା ଖାଇ ୪୦ରୁ ଊର୍ଦ୍ଧ୍ୱ ଲୋକେ ଅସୁସ୍ଥ

ଦଶରଥପୁର,୨/୫(ନି/ପ୍ର): ଦହିବରା ଖାଇଲେ, ଅସୁସ୍ଥ ହୋଇଗଲେ । ଦହିବରା ଖାଇ ୪୦ରୁ ଊର୍ଦ୍ଧ୍ୱ ଲୋକେ ଅସୁସ୍ଥ । ସମସ୍ତଙ୍କୁ ଯାଜପୁର ମେଡିକାଲରେ ଭର୍ତ୍ତି କରାଯାଇଛି । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଜୟନ୍ତରା ପଚାଂୟତ ପାଟପୁର ଗ୍ରାମରେ। ଗତ କାଲି ସକାଳୁ ନିକଟସ୍ଥ ଦଶରଥପୁର ପଚାଂୟତ ତୁଲାଟିଆ ସାହି ଗ୍ରାମର ଜଣେ ବହିବରା ବ୍ୟବସାୟୀଙ୍କ ଠାରୁ ପାଟପୁର ଗ୍ରାମର ଶତାଧିକ ଲୋକେ ବହିବରା ଖାଇଥିଲେ, ଖାଇବାର କିଛିସମୟ ପରେ ଗତ କାଲି ବିଳମ୍ବିତ ରାତିରୁ ପେଟରେ ଯନ୍ତ୍ରଣା ଅନୁଭବ ହୋଇଥିଲା, ତା ପରେ ଝାଡା, ବାନ୍ତି, ପେଟ ଦରଜ ହେବାରୁ ଜଣକ ପରେ ଜଣେ ଅସୁସ୍ଥ ହୋଇ ନିକଟସ୍ଥ ଦଶରଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି ହୋଇଥିଲେ ।

ଜିତୁ ମୁଣ୍ଡା ଘଟଣା ; ନିର୍ମଳାଙ୍କୁ ଚିଠି ଲେଖିଲେ ନବୀନ

ଭୁବନେଶ୍ୱର,୨/୫(ନି/ପ୍ର): ଜିତୁ ମୁଣ୍ଡାଙ୍କ ଘଟଣାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଚିଠି ଲେଖିଲେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । ଘଟଣାରେ ତୁରନ୍ତ ହସ୍ତକ୍ଷେପ କରିବାକୁ ନିବେଦନ କରିଛନ୍ତି ନବୀନ । କେନ୍ଦୁଝର ଜିଲାର ଓଡିଶା ଗ୍ରାମ୍ୟ ବ୍ୟାଙ୍କର ମଲ୍ଲିପଶି ଖାଖା ସମ୍ପର୍କରେ ଲେଖିଛନ୍ତି । ଏହି ଆଶ୍ଚର୍ଯ୍ୟଜନକ ତ୍ରୁଟି ପାଇଁ କିଏ ଦାୟୀ ତୁରନ୍ତ ସ୍ଥିର କରାଯାଉ ବୋଲି ଚିଠିରେ ଉଲ୍ଲେଖ କରିଛନ୍ତି । ଗ୍ରାମୀଣ ବ୍ୟାଙ୍କ ଗୁଡିକୁ ନାଗରିକ କୈନ୍ଦ୍ରିକ ସେବା ପ୍ରଦାନକୁ ସହଜ କରିବ । ଆପଣଙ୍କ ହସ୍ତକ୍ଷେପ ଦ୍ୱାରା କୌଣସି ସ୍ଥାନରେ ଘଟଣାର ପୁନରାବୃତି ହେବ ନାହିଁ ବୋଲି କହିଛନ୍ତି ନବୀନ । ସୂଚନା ଅନୁଯାୟୀ ପାଟଣା ବ୍ଲକ ଏରେଣ୍ଡେଇ ପଚାଂୟତ ଡିଆନାଳୀ ଗାଁର ଜିତୁ ମୁଣ୍ଡା(୫୦)ଙ୍କର ବଡ ଭଉଣୀ କାଲରା ମୁଣ୍ଡା (୫୬) ଙ୍କର ଗତ ଜାନୁଆରୀ ୨୬ ତାରିଖରେ ପେଟ ରୋଗ କାରଣରୁ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ନାମରେ ଜମା ଥିବା ବଳଦ ବିକ୍ରି ପାଖାପାଖି ୨୦ ହଜାର ଟଙ୍କା ମଲ୍ଲୀପଶି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ଜମା ଥିଲା । ଏହି ଟଙ୍କା ଉଠାଇବା ପାଇଁ ଜିତୁ ମୁଣ୍ଡା ବାରମ୍ବାର ବ୍ୟାଙ୍କକୁ ଦଉଡି ଦଉଡି ନିରାଶ ହୋଇଥିଲେ । ଶେଷରେ ବ୍ୟାଙ୍କ ପରିଚାଳକ ତାଙ୍କୁ ଭଉଣୀ କୁ ନେଇକି ଆସ ଟଙ୍କା ଦେବୀ କହିବାରୁ ଆଜି ଜିତୁ ମୁଣ୍ଡା ଭଉଣୀର ୩ ମାସର କଙ୍କାଳ ସାର ଶବକୁ କବରରୁ ବାହାର କରି ଏକ ବସ୍ତାରେ ପୁରାଇ ମଲ୍ଲୀପଶି ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ କୁ ଆଣି ପିଣ୍ଡା ରେ ରଖି ଶାଖା ପରିଚାଳକଙ୍କୁ ଭଉଣୀକୁ ଦେଖ ଓ ଟଙ୍କା ଦିଅ ବୋଲି ଦାବି କରିଥିଲେ ।

ବଙ୍ଗୋପସାଗରରେ ବାତ୍ୟା ଆଶଙ୍କା ! ମେ' ଦ୍ୱିତୀୟ ସପ୍ତାହରେ ସୃଷ୍ଟି ହୋଇପାରେ ଲଘୁଚାପ



ଭୁବନେଶ୍ୱର,୨ ।୫(ନି/ପ୍ର): ଗ୍ରୀଷ୍ମ ପ୍ରବାହ ମଧ୍ୟରେ ପାଣିପାଗକୁ ନେଇ ଆସିଛି ଏକ ବଡ଼ ଖବର । ମେ' ମାସ ଦ୍ୱିତୀୟ ସପ୍ତାହ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି । ବିଭିନ୍ନ ଆନ୍ତର୍ଜାତୀୟ ପାଣିପାଗ ମଡେଲର ସୂଚନା ଅନୁଯାୟୀ, ବଙ୍ଗୋପସାଗର ଏବେ ଅଶାନ୍ତ ହେବାକୁ ଯାଉଛି, ଯାହା ଆଗାମୀ ଦିନରେ ବାତ୍ୟାର ରୂପ ନେଇପାରେ ବୋଲି ଆଶଙ୍କା କରାଯାଉଛି । ଆମେରିକୀୟ ପାଣିପାଗ ସଂସ୍ଥା 'ଗ୍ଲୋବାଲ୍ ଫୋରକାଷ୍ଟ ସିଷ୍ଟମ୍' (ଏଫ୍ଏସ) ଏବଂ ଅନ୍ୟାନ୍ୟ ଆନ୍ତର୍ଜାତୀୟ ମଡେଲ୍ଗୁଡ଼ିକରୁ ମିଳିଥିବା ସଙ୍କେତ ଅନୁଯାୟୀ, ମେ' ୧୧ ରୁ ୧୪ ତାରିଖ ମଧ୍ୟରେ ଏହି ସିଷ୍ଟମ୍ ସକ୍ରିୟ ହୋଇପାରେ । ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ବାୟୁମଣ୍ଡଳରେ ବର୍ତ୍ତମାନ ଯେଉଁଭଳି ଅସ୍ଥିରତା ଦେଖାଦେଉଛି, ତାହା ଏକ ଶକ୍ତିଶାଳୀ ସିଷ୍ଟମ୍ ସୃଷ୍ଟି ପାଇଁ ଅନୁକୂଳ ପରିବେଶ ତିଆରି କରୁଛି । ପାଣିପାଗ ବିଜ୍ଞାନୀଙ୍କ ଅନୁସାରେ, ବର୍ତ୍ତମାନ ବଙ୍ଗୋପସାଗରରେ ସମୁଦ୍ର ପତନର ତାପମାତ୍ରା ୨୯ ଡିଗ୍ରୀ ସେଲସିୟସରୁ ୩୧ ଡିଗ୍ରୀ ସେଲସିୟସ ମଧ୍ୟରେ ରହିଛି । ସାଧାରଣତଃ ଲଘୁଚାପ ଘନୀଭୂତ ହୋଇ ବାତ୍ୟାରେ ପରିଣତ ହେବା ପାଇଁ ସମୁଦ୍ର ପନ୍ନନର ତାପମାତ୍ରା ୨୬.୫ ଡିଗ୍ରୀରୁ ଅଧିକ ରହିବା ଆବଶ୍ୟକ । ବର୍ତ୍ତମାନର ଉଚ୍ଚ ତାପମାତ୍ରା ଏହି ସମ୍ଭାବ୍ୟ ଲଘୁଚାପକୁ ଅଧିକ ବଳଶାଳୀ କରିବାରେ ସହାୟକ ହୋଇପାରେ । ଯଦିଓ ବିଶ୍ୱସ୍ତରୀୟ ମଡେଲ୍ଗୁଡ଼ିକ ଲଘୁଚାପ ସୃଷ୍ଟି ନେଇ ସଙ୍କେତ ଦେଉଛନ୍ତି, କିନ୍ତୁ ଏହା ଏକ ଦୀର୍ଘକାଳୀନ ପୂର୍ବାନୁମାନ ହୋଇଥିବାରୁ ଏହାର ଗତିପଥ ଏବଂ ତୀବ୍ରତା ବର୍ତ୍ତମାନ ଆକଳନ କରିବା କଷ୍ଟକର । ଆଗାମୀ ମେ' ୬ କିମ୍ବା ୭ ତାରିଖ ବେଳକୁ ଚିତ୍ର ଅଧିକ ସ୍ପଷ୍ଟ ହେବ । ଏହି ସିଷ୍ଟମ୍ ଓଡ଼ିଶା କିମ୍ବା ପଡ଼ୋଶୀ ଉପକୂଳ ଉପରେ କି ପ୍ରଭାବ ପକାଇବ, ତାହା ସେହି ସମୟରେ ହିଁ ଜଣାପଡ଼ିବ । ସୂଚନାଯୋଗ୍ୟ ଯେ, ଭାରତୀୟ ପାଣିପାଗ ବିଭାଗ (ଓଗଡ) ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଏନେଇ କୌଣସି ଆନୁଷ୍ଠାନିକ ଚେତାବନୀ କିମ୍ବା ସୂଚନା ଜାରି କରାଯାଇ ନାହିଁ । ଓଗଡ ସାଧାରଣତଃ ସିଷ୍ଟମ୍ ସୃଷ୍ଟି ହେବାର ୩-୪ ଦିନ ପୂର୍ବରୁ ସଠିକ୍ ପୂର୍ବାନୁମାନ ଦେଇଥାଏ ।

ସୂଚନା

ଶ୍ରମିକ ଦିବସ ଉପଲକ୍ଷେ 'ଉତ୍କଳ ସମାଚାର' କାର୍ଯ୍ୟାଳୟ ମେ ୧ ବନ୍ଦ ଥିଲା

ସଂପାଦକ

ନାଟୋକୁ ବଡ଼ ଝଟକା ଦେଲେ ଟ୍ରମ୍ପ !

ଜର୍ମାନୀରୁ ୫ ହଜାର ସୈନ୍ୟ ପ୍ରତ୍ୟାହାର କରାଯିବ

ୱାସିଂଟନ,୨/୫: ଆମେରିକା ନାଟୋକୁ ଏକ ବଡ଼ ଝଟକା ଦେଇଛି । ଆନୁଷ୍ଠାନିକ ଭାବରେ ଘୋଷଣା କରିଛି ଯେ, ସହଯୋଗୀ ଦେଶ ଜର୍ମାନୀରୁ ୫ ହଜାର ସୈନିକ ପ୍ରତ୍ୟାହାର କରାଯିବ । ଏହି ପଦକ୍ଷେପ ଏପରି ସମୟରେ ନିଆଯାଇଛି ଯେତେବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଜର୍ମାନ ଚାନସ୍ଲରଙ୍କ ମନ୍ତବ୍ୟ ଯୋଗୁଁ ୟୁରୋପରରେ ବିରୋଧୀ ସ୍ୱର ଉଠିବାରେ ଲାଗିଛି । ଟ୍ରମ୍ପ ଏବଂ ଜର୍ମାନ ଚାନସ୍ଲରଙ୍କ ମଧ୍ୟରେ ବିତର୍କ ପରେ ପେଟାଂଗନ ଏହି ପଦକ୍ଷେପ ନେଇଛି । ସେନା ପ୍ରତ୍ୟାହାର ପ୍ରକ୍ରିୟା ଛଅରୁ ୧୨ ମାସ ମଧ୍ୟରେ ସମାପ୍ତ ହେବ । ପେଟାଂଗନର ଏହି ପଦକ୍ଷେପ ଦ୍ୱାରା ୟୁରୋପରେ ଆମେରିକୀୟ ସୈନ୍ୟ ସଂଖ୍ୟା ୨୦୨୨ ପୂର୍ବସ୍ତରକୁ ଫେରାଇ ଆଣାଯିବ । ୟୁକ୍ରେନରେ ରୁଷର ଆକ୍ରମଣ ପରେ, ତତ୍କାଳୀନ ରାଷ୍ଟ୍ରପତି ଜୋ ବାଇଡେନ ୟୁରୋପରେ ସୈନ୍ୟ ସଂଖ୍ୟା ବୃଦ୍ଧି କରିଥିଲେ । ତେବେ ଆମେରିକା ଏବେ ସେହି ନିଷ୍ପତିଗୁଡ଼ିକୁ ବଦଳାଉଛି । ଏହି ବିବାଦର ମୁଖ୍ୟ କାରଣ ହେଉଛି ରାଷ୍ଟ୍ରପତି ଟ୍ରମ୍ପ ଏବଂ ଜର୍ମାନ ଚାନସ୍ଲର ଫ୍ରେଡ୍ରିଚ୍ ମର୍ଜଙ୍କ ମଧ୍ୟରେ ଇରାନ ଯୁଦ୍ଧ ସମ୍ପର୍କରେ ହୋଇଥିବା ଏକ ଉଷ୍ମ ବିତର୍କ । ଏହି ବିତର୍କ ପରେ,ଟ୍ରମ୍ପ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲେ ଏବଂ ସୈନ୍ୟ ସଂଖ୍ୟା ହ୍ରାସ କରିବାକୁ ଧମକ ଦେଇଥିଲେ । ଆମେରିକାର ଏହି ନିଷ୍ପତି ୟୁରୋପ ଏବଂ ନାଟୋ ଦେଶମାନଙ୍କ ପାଇଁ ଏକ ଅତ୍ୟନ୍ତ କଠୋର କୂଟନୈତିକ ପଦକ୍ଷେପ ତଥା କଠୋର ବାର୍ତ୍ତା । ପେଟାଂଗନର ଏହି ପଦକ୍ଷେପ ୟୁରୋପରେ ସୁରକ୍ଷା ଚିନ୍ତାକୁ ବୃଦ୍ଧି କରିଛି । ମର୍ଜ ଇରାନ ଯୁଦ୍ଧ ବିଷୟରେ ବିବାଦୀୟ ମନ୍ତବ୍ୟ ଦେଇଥିଲେ । ସେ କହିଥିଲେ ଯେ ଦୁଇ ମାସ ଧରି ଚାଲିଥିବା ଯୁଦ୍ଧ ସମାପ୍ତ କରିବା ପାଇଁ ଆଲୋଚନା କରିବାକୁ କହି ଆମେରିକାକୁ ଇରାନ ବାରମ୍ବାର ଅପମାନିତ କରୁଛି । ଟ୍ରମ୍ପ କଡ଼ା ପ୍ରତିକ୍ରିୟା ଦେଇ କହିଥିଲେ, ମର୍ଜଙ୍କୁ ରୁଷ ଏବଂ ୟୁକ୍ରେନ ମଧ୍ୟରେ ଯୁଦ୍ଧ ସମାପ୍ତ କରିବା ଉପରେ ଧ୍ୟାନ ଦେବା ଉଚିତ । ସେ ନିଜ ଦେଶକୁ ସଜାଡ଼ିବା ଉପରେ ଧ୍ୟାନ ଦେବା ଉଚିତ । ସେ ଇରାନ ଯୁଦ୍ଧକୁ ନେଇ ନିଜର ସମୟ ନଷ୍ଟ କରିବା ଉଚିତ ନୁହେଁ ।

ପାକିସ୍ତାନର ତୈଳ ସଙ୍କଟ ; ପେଟ୍ରୋଲ ଦର ୪୦୦ ଟଙ୍କା ଛୁଇଁଲା:

ଭାରତକୁ ପ୍ରଶଂସା କଲେ ପାକ୍ ମନ୍ତ୍ରୀ

ଇସଲାମାବାଦ,୨/୫: ମଧ୍ୟପ୍ରାଚ୍ୟ ସଙ୍କଟ ମଧ୍ୟରେ, ପାକିସ୍ତାନ ବାରମ୍ବାର ସ୍ୱୀକାର କରିଛି ଯେ ଭାରତ ପରି ଏହାର ରଣନୈତିକ ତୈଳ ଭଣ୍ଡାରର ଅଭାବ ଅଛି । ପେଟ୍ରୋଲିୟମ୍ ମନ୍ତ୍ରୀ ମୁସାଦିକ୍ ମଲିକ ସ୍ୱୀକାର କରିଛନ୍ତି ଯେ ପାକିସ୍ତାନ ପାଖରେ ମାତ୍ର ୫-୭ ଦିନର ଅଶୋଧିତ ତେଲ ବାକି ଅଛି । ତୈଳ କମ୍ପାନିଗୁଡ଼ିକ ପାଖରେ ଉପଲବ୍ଧ ବିଶୋଧିତ ଉତ୍ପାଦଗୁଡ଼ିକ କେବଳ ୨୦-୨୧ ଦିନ ପାଇଁ ରହିପାରିବ । ଏହାର ଅର୍ଥ ହେଉଛି ଯଦି ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ପାକିସ୍ତାନ ଭୁଶୁଡ଼ି ପଡ଼ିବ । ପଶ୍ଚିମ ଏସୀୟ ସଂଘର୍ଷ ମଧ୍ୟରେ ଦେଖାଦେଇଥିବା ଇନ୍ଧନ ସଙ୍କଟର ମୁକାବିଲା କରିବାରେ ଭାରତର ଶକ୍ତିକୁ ପାକିସ୍ତାନ ପ୍ରଥମ ଥର ପାଇଁ ସ୍ୱୀକାର କରିଛି । ସେ ବିଶ୍ୱ ତୈଳ ସଙ୍କଟ ସମୟରେ ପାକିସ୍ତାନର ଦୁର୍ବଳତାକୁ ସ୍ୱୀକାର କରି କହିଛନ୍ତି ଯେ, ଭାରତ ପରି, ପାକିସ୍ତାନ ପାଖରେ ଏପରି ରଣନୈତିକ ତୈଳ ଭଣ୍ଡାର ନାହିଁ ଯାହା ଇରାନ ଯୁଦ୍ଧ ଯୋଗୁଁ ବୃଦ୍ଧି ପାଉଥିବା ଅଶୋଧିତ ତୈଳ ମୂଲ୍ୟର ପ୍ରଭାବକୁ ହ୍ରାସ କରିବାରେ ନୂଆଦିଲ୍ଲୀକୁ ସାହାଯ୍ୟ କରୁଛି । ଭାରତ ବହୁତ ଆଗରେ ରହିଛି । ଆମ ପାଖରେ ଗୋଟିଏ ଦିନର ତେଲ ମଧ୍ୟ ନାହିଁ । ପାକିସ୍ତାନୀ ପେଟ୍ରୋଲିୟମ୍ ମନ୍ତ୍ରୀ ମୁସାଦିକ୍ ମଲିକ ସ୍ପଷ୍ଟ ଭାବରେ କହିଛନ୍ତି, ଆମେ ଭାରତ ତୁଳନାରେ ଏତେ ଆଗୁଆ ନୁହଁ । ସେମାନେ ବହୁତ ଆଗରେ ଅଛନ୍ତି । ସେମାନଙ୍କ ପାଖରେ ୬୦-୭୦ ଦିନର ତେଲ ଭଣ୍ଡାର ଅଛି, ଯାହାକୁ ସେମାନେ କେବଳ ଗୋଟିଏ ଦସ୍ତଖତ ସହିତ ମୁକ୍ତ କରିପାରିବେ । ମନ୍ତ୍ରୀ ଆହୁରି ବ୍ୟାଖ୍ୟା କରିଛନ୍ତି ଯେ ପାକିସ୍ତାନ ପାଖରେ ଗୋଟିଏ ଦିନର ମଧ୍ୟ ପେଟ୍ରୋଲ ଭଣ୍ଡାର ନାହିଁ, ଯାହା ଦେଶର ଶକ୍ତି ଭିତ୍ତିଭୂମିକୁ ବାହ୍ୟ ବାଧା ପାଇଁ ସମ୍ପୂର୍ଣ୍ଣ ଦୁର୍ବଳ କରିଦେଇଛି । ସେ ଭାରତର ଆର୍ଥିକ ଶକ୍ତିର କାରଣ ଏହାର ଶ୍ରେଷ୍ଠ ବୈଦେଶିକ ମୁଦ୍ରା ସ୍ଥିତି ଏବଂ ରଣନୈତିକ ଯୋଜନା । ସେ କହିଛନ୍ତି, ଭାରତ ପାଖରେ ୬୦୦ ବିଲିୟନ ଡଲାର ରିଜର୍ଭ ସହିତ ରଣନୈତିକ ରିଜର୍ଭ ମଧ୍ୟ ବଜାୟ ରହିଛି । ଏହା ସେମାନଙ୍କୁ ଏହି ସଙ୍କଟର ମୁକାବିଲା କରିବାରେ ସାହାଯ୍ୟ କରୁଛି । ମଲିକ ନଗଦ ସଙ୍କଟର ସମାଧାନ ପାଇଁ ଆଇଏମ୍ଏଫ୍ ପାଖକୁ ଯିବାର ପ୍ରତିକୂଳ ପରିଣାମକୁ ସୂଚାଇ କହିଛନ୍ତି, ଭାରତ ଆଇଏମ୍ଏଫ୍ କାର୍ଯ୍ୟକ୍ରମର ଅଂଶ ନୁହେଁ ଏବଂ ତୈଳ ମୂଲ୍ୟ ବୃଦ୍ଧି ସମୟରେ, ଶୁଳ୍କ ହ୍ରାସ କରି ନିଜକୁ ସୁରକ୍ଷିତ ରଖିଛି । ଭାରତର ବହୁ ଆର୍ଥିକ ବିକଳ୍ପ ରହିଛି । ଭାରତର ଆର୍ଥିକ ସ୍ୱାଧୀନତା ଅଛି, ଯେତେବେଳେ ପାକିସ୍ତାନ ଆଇଏମ୍ଏଫ୍ ଦ୍ୱାରା ବାନ୍ଧି ହୋଇ ରହିଛି । ସମା ଟିଭି ସହିତ ଏକ ସାକ୍ଷାତକାରରେ ମଲିକ କହିଛନ୍ତି, ଆମର ରଣନୈତିକ ତୈଳ ସଂରକ୍ଷଣ ନାହିଁ, କେବଳ ବାଣିଜ୍ୟିକ ସଂରକ୍ଷଣ ଅଛି । ହର୍ମୁଜ୍ ପ୍ରଣାଳୀ ଦେଇ ପରିବହନ ବାଧାପ୍ରାପ୍ତ ହୋଇଥିବାରୁ ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୨୬ ଡଲାରକୁ ବୃଦ୍ଧି ପାଇବା ପରେ ମାଲିକଙ୍କ ଏହି ସ୍ୱୀକାରୋକ୍ତି ଆସିଛି । ପାକିସ୍ତାନ ଏହାର ଭାର ଭାରତ ଅପେକ୍ଷା ତୁଳନାତ୍ମକ ଭାବରେ ଅଧିକ ବହନ କରୁଛି । ପାକିସ୍ତାନୀ ପେଟ୍ରୋଲିୟମ୍ ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ ଗ୍ରାହକମାନଙ୍କୁ ସାମାନ୍ୟ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଇସଲାମାବାଦକୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍) ଭଳି ଦାତା ସଂସ୍ଥା ସହିତ ଗୁପ୍ତ ଆଲୋଚନା କରିବାକୁ ପଡିଥିଲା । ଦାତା ଏଜେନ୍ସିଗୁଡ଼ିକ ସହିତ ବଜେଟ୍ ଚୁକ୍ତି ଅନୁଯାୟୀ, ପାକିସ୍ତାନକୁ ଆର୍ଥିକ ନିଅଂଟ ପୂରଣ କରିବା ପାଇଁ ଇନ୍ଧନ ଉପରେ ଭାରୀ ଟିକସ ଲାଗୁ କରିବାକୁ ପଡିଥିଲା । ଡିଜେଲ୍ ମୂଲ୍ୟ ମଧ୍ୟ ୩-୪ ଗୁଣା ବୃଦ୍ଧି ପାଇଲା, ଯାହା ଫଳରେ ସମ୍ପୂର୍ଣ୍ଣ ବୋଝ ପେଟ୍ରୋଲକୁ ସ୍ଥାନାନ୍ତରିତ ହେବାକୁ ପଡିଲା । ମୋଟରସାଇକେଲ ଚାଳକଙ୍କ ପାଇଁ ସବସିଡି ମଧ୍ୟ ଛାଡ଼ିବାକୁ ପଡିଲା, ଯାହା ଫଳରେ ବହୁତ କ୍ଷତି ହୋଇଥିଲା ।

କେନ୍ଦୁଝର ସମାଚାର

A.R. KHAN
ARNMEDIA COMPLEX, New Market, Keonjhar
(Near Collectorate, Dist. Keonjhar, Phone / Fax: (06767) 255016
Email: utkalsamachar@gmail.com, Mob: 9437086122

ଜିତୁ ମୁଣ୍ଡା ପ୍ରତି ଅବହେଳା କରାଯାଇଛି : ନିରଞ୍ଜନ

କେନ୍ଦୁଝର,୨/୫(ନି/ପ୍ର): ମୃତ ଭଉଣୀର କଙ୍କାଳ ଧରି ବ୍ୟାଙ୍କକୁ ଟଙ୍କା ଉଠେଇବା ପାଇଁ ଜିତୁ ମୁଣ୍ଡା ଯିବା ଘଟଣା ଏବେ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଛି । କେନ୍ଦୁଝର ଜ଼ିଲ୍ଲାର ଜଣେ ଆଦିବାସୀ ବ୍ୟକ୍ତି ଜିତୁ ମୁଣ୍ଡା ମୃତ ପ୍ରମାଣପତ୍ର ସ୍ୱରୂପ ଭଉଣୀ କଙ୍କାଳ ଧରି ପାଟଣା ବ୍ଲକ ମଲ୍ଲିପଶି ଶାଖା ଓଡିଶା ଗ୍ରାମ୍ୟ ବ୍ୟାଙ୍କକୁ ଧରି ଆସିବା, ବ୍ୟାଙ୍କ କତୃପକ୍ଷ ଦ୍ୱାରା ହଇରାଣ ଓ ହରକତ ହେବା ଏବଂ ଆଦିବାସୀ ମାନଙ୍କୁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଅବହେଳିତ କରାଯିବା ଏ ଘଟଣା ଏକ ସମ୍ବେଦନଶୀଳ ଘଟଣା । ଜଣେ ନିରୀହ ଆଦିବାସୀ ପ୍ରତି ଅବିଚାର ନିଶ୍ଚିତ ଭାବେ ଏକ ସ୍ୱର୍ଶକାତର ଘଟଣା । ଖୋଦ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କେନ୍ଦୁଝର ଜ଼ିଲ୍ଲାର ପ୍ରତିନିଧି ଏବଂ ଆଦିବାସୀ ସମ୍ପ୍ରଦାୟର ହେଲେ ବି ଏହା ପ୍ରତି ଦୃଷ୍ଟି ଦେଉନାହାନ୍ତି । ପ୍ରତ୍ୟେକ ଦିନ ରାଜ୍ୟରେ ଆଦିବାସୀ, ଦଳିତ ଓ ମହିଳା ମାନେ ସୁରକ୍ଷତ ନାହାଁନ୍ତି ବୋଲି ପୂର୍ବତନ ମନ୍ତ୍ରୀ ତଥା ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି । ଆଜି କଂଗ୍ରେସ ଦଳ ପକ୍ଷରୁ ପାଟଣା ବ୍ଲକର ଡ଼ିଆନାଳୀ ଗ୍ରାମରେ ଜିତୁ ମୁଣ୍ଡାଙ୍କୁ ଭେଟିଥିଲେ ଏବଂ ଏହି ଘଟଣା ବିଷୟରେ ଆଲୋଚନା କରିଥିଲେ । ତାପରେ ରାଜସ୍ୱ ବିଭାଗୀୟ କମିଶନର ସଂଗ୍ରାମ କେଶରୀ ମହାପାତ୍ର ଏବଂ କେନ୍ଦୁଝର ଜ଼ିଲ୍ଲାପାଳ ବିଶାଳ ସିଂହ ସହିତ ଆଲୋଚନା କରିବା ପରେ ବ୍ୟାଙ୍କ କତୃପକ୍ଷ ସହିତ ଭେଟିବା ପରେ ଉଦବେଗ ପ୍ରକାଶ କରିଛନ୍ତି । ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ମଧ୍ୟ ଏହି ଘଟଣାକୁ ମୁଖ୍ୟମନ୍ତ୍ରୀ ଗଭୀର ଭାବେ ତଦନ୍ତ କରନ୍ତୁ ଏବଂ ମୃତକ ପରିବାରକୁ ତୁରନ୍ତ ଦଶ ଲକ୍ଷ ଟଙ୍କା ସାହାଯ୍ୟ କରନ୍ତୁ ବୋଲି ଦାବୀ କରିଥିଲେ । ଏଥିରେ ରାଜ୍ୟ ଆଦିବାସୀ କଂଗ୍ରେସ ସଭାପତି ଯଶବନ୍ତ ସିଂହ ନାରାୟଣ ଲାଗୁରି, ଜ଼ିଲ୍ଲା କଂଗ୍ରେସ ସଭାପତି ମନୋଜ କୁମାର ଜେନା, ପୂର୍ବତନ ପିସିସି ସମ୍ପାଦକ ସଂଗ୍ରାମ ଦାସ, ପୂର୍ବତନ କଂଗ୍ରେସ ସାଂସଦ ପ୍ରାର୍ଥୀ ବିନୋଦ ବିହାରୀ ନାଏକ, ପୂର୍ବତନ ବ୍ଲକ ଅଧକ୍ଷ ବିଦ୍ୟାଧର ଦାଶ, ଜ଼ିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀର, ଜ଼ିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, ଜ଼ିଲ୍ଲା କଂଗ୍ରେସ ସେବାଦଳ ଅଧକ୍ଷ ବୀରଭଦ୍ର ମହାନ୍ତ, ଜ଼ିଲ୍ଲା କଂଗ୍ରେସ ଉପସଭାପତି ଲଳିତ ମୋହନ ନାୟକ, ଜ଼ିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକଗୌରହରି ନାଏକ, ସୁଢଳ ସେଠି, ବ୍ଲକ ସଭାପତି ଗୋବିନ୍ଦ ମହାନ୍ତ, ସରୋଜ ବଘେଲ ବାବୁ, ପାଟଣା ବିଧାନସଭା ଯୁବ କଂଗ୍ରେସ ସଭାପତି ପରମେଶ୍ୱର ନାଏକ, ବରିଷ୍ଠ କଂଗ୍ରେସ ନେତା କୈଳାଶ ଚନ୍ଦ୍ର ବାରିକ, ରତ୍ନାକର ଜେନା, ଲକ୍ଷ୍ମଣ ଦାଶ, ଦୀପକ ରାଜ, ଜ୍ଞାନରଞ୍ଜନ ମିଶ୍ର, ଶିବ ବେହେରା, ମୁକୁନ୍ଦ ଚରଣ ମହାନ୍ତ, ବିଦ୍ୟାଧର ସିଂହ, ଦିଲ୍ଲୀପ କୁମାର ଦାଶ, ପ୍ରଦୀପ କୁମାର ଦାସ, ଚିନ୍ନରଞ୍ଜନ ରାଉତ, ନିରଞ୍ଜନ ନାଏକ, ଗୌତମ ସାହୁ, ଟାଙ୍ଗରପଡା ସରପଚଂ ଅନିରୁଦ୍ଧ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସାମ୍ବାଦିକଙ୍କ ଧାରଣା

କେନ୍ଦ୍ରାପଡ଼ା,୨/୫(ନି/ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ଉତ୍କଳ ସାମ୍ବାଦିକ ସଙ୍ଘର କାର୍ଯ୍ୟରତ ସାମ୍ବାଦିକ ମାନେ ସଂଘ ର ସଭାପତି ହିମାଂଶୁ ଶେଖର ନାୟକ ଙ୍କ ସଭାପତିତ୍ୱ ରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ରାଜ୍ୟରେ ନୂତନ ସରକାର ଗଠନର ୨ ବର୍ଷ ପୂରଣ ହେବାକୁ ବସିଲାଣି । ଇତି ମଧ୍ୟରେ ବିଧାନସଭାରେ ପାଚିକା ଠାରୁ ଆରମ୍ଭ କରି ଶିକ୍ଷକ, ସୁଭଦ୍ରା ଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ କନ୍ୟାଦାନ ଯୋଜନା, ଯନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ବିଧାୟକ ମନ୍ତ୍ରୀଙ୍କ ଯାଏଁ, ଏମିତିକି ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ଦେବା ପାଇଁ ଚିନ୍ତା କରୁଥିବା ମୋହନ ସରକାର ସାମ୍ବାଦିକଙ୍କ ପ୍ରତି ସାମାନ୍ୟତମ ଚିନ୍ତା ନ କରିବା ଦୁଃଖ ଏବଂ ପରିତାପର ବିଷୟ କ୍ଷ ନେତାଙ୍କ ନିର୍ବାଚନୀ ପ୍ରଚାର ଠାରୁ, ବନ୍ୟା, ବାତ୍ୟା, ମରୁଡି, ଝଡ଼ି, ଧୁଧୁ ଖରା, ଘରପୋଡ଼ି ହେଉ କି ବଧୂ ହତ୍ୟା, ମେଡିକାଲ ଠାରୁ ମଶାଣି ନିଜ ପରିବାର ପିଲା ଛୁଆଙ୍କୁ ପଛରେ ଫୋପାଡ଼ି ୨୪ ଘଂଟା ସମାଜସେବା ରେ ନିଜକୁ ଉତ୍ସର୍ଗ କରିଥିବା ସାମ୍ବାଦିକଟିଏ କେତେବେଳେ କାହାର ଆକ୍ରୋଶର ଶିକାର ହୋଇ ମାଡ଼ ଖାଏ ତ କେତେବେଳେ ଖବର ପ୍ରସାରଣ ସମୟରେ ନିଜର ସାହାସିକତା ଆଗରେ ନିଜ ଜୀବନ ହରାଇଦେଇଥାଏ ।୨୦୨୪ ମସିହା ଫେବୃଆରୀ ମାସରେ ତତ୍କାଳୀନ ସରକାର ବିରୋଧରେ ସାମ୍ବାଦିକଙ୍କ ବିଶାଳ ବିକ୍ଷୋଭ ସମାବେଶରେ ବର୍ତମାନର ମୁଖ୍ୟମନ୍ତ୍ରୀ ମହୋଦୟଙ୍କ ସମେତ ଅନ୍ୟ ୫ ଜଣ ସହଯୋଗୀ ବିଧାୟକ ବିକ୍ଷୋଭ ସ୍ଥଳୀରେ ପହଂଚିଆମ ସରକାର ଆସିଲେ ୬ ମାସ ଭିତରେ ସାମ୍ବାଦିକଙ୍କ ସମସ୍ତ ଦାବି ପୂରଣ କରିବୁ ବୋଲି ଦେଇଥିବା ପ୍ରତିଶୃତି ସରକାର ଗଠନର ୨ ବର୍ଷ ଶେଷ ସୁଦ୍ଧା ପାଣିର ଗାର ପାଲଟିଛି ।

କେନ୍ଦୁଝର ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ 'ତରଙ୍ଗିଣୀ'ର ବାର୍ଷିକ ଉତ୍ସବ

କେନ୍ଦୁଝର,୨/୫(ନି/ପ୍ର): ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, କେନ୍ଦୁଝରର ବାର୍ଷିକ ଉତ୍ସବ 'ତରଙ୍ଗିଣୀ' ଅତି ଆଡମ୍ବର ଓ ଉତ୍ସାହର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଧରଣୀଧର ବିଶ୍ୱବିଦ୍ୟାଳୟର ଅବସର ପ୍ରାପ୍ତ ଇଂରାଜୀ ପ୍ରଫେସର ଡଃ ଅନିଲ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ "ପ୍ରସାରଣ ହିଁ ଜୀବନ, ସଙ୍କୋଚନ ହିଁ ମୃତ୍ୟୁ" ବାଣୀର ମହତ୍ୱ ଉପରେ ଆଲୋକପାତ କରିଥିଲେ, ଶିକ୍ଷକ ହିଁ ସମାଜ ସଂସ୍କାରକ, ସେ କହିଥିଲେ ଯେ, ପ୍ରକୃତ ଶିକ୍ଷକ ସଦା ନିଜ ଭିତରେ ସୃଜନଶୀଳତାକୁ ବିକଶିତ କରି ଜ୍ଞାନର ଆଲୋକରେ ସମାଜକୁ ପ୍ରସାରିତ କରନ୍ତି । ଧରଣୀଧର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ସୁଧା ଦାଶ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ କହିଥିଲେ ଯେ, ସାହିତ୍ୟ ହେଉଛି ଜୀବନ ଗଠନର ମୂଳ ଆଧାର । କଥା, ଗଳ୍ପ ଓ କବିତା ମାଧ୍ୟମରେ ମଣିଷର ଚିନ୍ତାଧାରା ଓ ଚରିତ୍ରକୁ ସଂସ୍କାର କରାଯାଇପାରିବ ଓ ମାନବିକତାର ପଥରେ ଆଗେଇ ନିଆଯାଇପାରିବ । ସେ ସାହିତ୍ୟ ଅଧ୍ୟୟନର ଉପଯୋଗିତା ଉପରେ ଗୁରୁତ୍ୱାରୋପ କରି ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଜିଲ୍ଲାର ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ରୁଦ୍ରନାରାୟଣ ସାମଲ ଓ ସତ୍ୟନାରାୟଣ ମହାନ୍ତ, ଶିଶୁ ସାହିତ୍ୟିକ ବୈଲୋଚନ ସାହୁ, ସାହିତ୍ୟ ସଂସ୍କୃତି ଗବେଷକ ନିରଞ୍ଜନ ବାରିକ, ଅବସର ପ୍ରାପ୍ତ ସଂସ୍କୃତ ପ୍ରଫେସର ପ୍ରସନ୍ନ କୁମାର ପତି ପ୍ରମୁଖ ଉପସ୍ଥିତ ଥିଲେ । ସେମାନେ ବେଦ ଓ ଉପନିଷଦର କଥା ଉଲ୍ଲେଖ କରି କହିଥିଲେ ଯେ, ଶୃଙ୍ଖଳିତ ଜୀବନ ହିଁ ଛାତ୍ରଜୀବନର ସଫଳତାର ମୂଳମନ୍ତ୍ର । ଭଲ ଶିକ୍ଷକ ହେବାକୁ ହେଲେ ପ୍ରଥମେ ଏକ ଭଲ ଶିକ୍ଷାର୍ଥୀ ହେବାକୁ ପଡ଼ିବ । ପଢ଼ିବା ଓ ଜାଣିବାର ଜିଜ୍ଞାସାକୁ ଦୃଢ଼ କରି ଜ୍ଞାନ ଅର୍ଜନ ମାଧ୍ୟମରେ ଜୀବନକୁ ଉନ୍ନତ କରିବାକୁ ପ୍ରେରଣା ଦେଇଥିଲେ । ଶିକ୍ଷକମାନେ ନିଜେ ପଢ଼ିବା ଜାରି ରଖି ଶିଶୁମାନଙ୍କୁ ପଠନ ପ୍ରତି ପ୍ରେରିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଉତ୍ସବରେ ସଭାପତିତ୍ୱ କରି ଅନୁଷ୍ଠାନର ଅଧକ୍ଷା ଶ୍ରୀମତୀ କଲ୍ୟାଣୀ ମାଝୀ ଛାତ୍ରଛାତ୍ରୀ ଓ ପ୍ରଶିକ୍ଷକ ପ୍ରଶିକ୍ଷିକାଙ୍କୁ ଆଗାମୀ ଦିନରେ କଠିନ ପରିଶ୍ରମ କରି ଅନୁଷ୍ଠାନର ସୁନାମ ବଢ଼ାଇବାକୁ ଆହ୍ୱାନ କରିଥିଲେ ଏବଂ ଛାତ୍ର ଜୀବନ ରେ ସକାରାତ୍ମକ ମନୋଭାବ ସମାଜ ଗଠନ ରେ କିପରି ସହାୟକ ହେବ ତାହାର ବାର୍ତ୍ତା ଦେଇଥିଲେ । ପ୍ରାରମ୍ଭରେ ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଶ୍ରୀମତୀ ତଦାଶା ତଟିନୀ ପଣ୍ଡା ମଂ ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନୁଷ୍ଠାନର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷିକା ଦେବସ୍ମିତା ଚକ୍ର ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ସାହିତ୍ୟ ପତ୍ରିକା "ଦିବ୍ୟଧାରା" ଏବଂ ସମାଚାର ପତ୍ରିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଏହା ସହ ସମସ୍ତ ଶିକ୍ଷକ ପ୍ରଶିକ୍ଷକ ପ୍ରଶିକ୍ଷିକା ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ଏବଂ ଅନୁଷ୍ଠାନର ସମସ୍ତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା ଏବଂ ଏହି କାର୍ଯ୍ୟକ୍ରମ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

ସି.ଏମ୍ ଟ୍ରଫି ଖୋ ଖୋ ପ୍ରତିଯୋଗୀତା ଉଦ୍‌ଘାଟିତ

କେନ୍ଦ୍ରାପଡ଼ା,୨/୫(ନି/ପ୍ର): ୧୪ବର୍ଷ କମ୍ ବାଳକ ଓ ବାଳିକା ବିଭାଗର ସିଏମ୍ ଟ୍ରଫି ପ୍ରଥମ ସଂସ୍କାରଣ ଖୋ ଖୋ ପ୍ରତିଯୋଗିତା ପଟ୍ଟାମୁଣ୍ଡାଇ ସ୍ଥିତ ହରିହରାନନ୍ଦ ଆଶ୍ରମ ସ୍କୁଲ ପଡ଼ିଆ ଠାରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଅଛି । ଆଜି ଉଦ୍‌ଘାଟନ ଉତ୍ସବରେ ପଟ୍ଟାମୁଣ୍ଡାଇ ଆର୍ସ ଥାନାର ଅଧିକାରୀ ବନ୍ଦନା ପାତ୍ର ମୁଖ୍ୟ ଅତିଥି ରୂପେ ଉପସ୍ଥିତ ରହି ଶରୀର ନିରୋଗ ରହିବା ନିମନ୍ତେ କ୍ରିଡ଼ାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେବାସହ ଏହି ପ୍ରତିଯୋଗୀତାରେ ଭାଗନେଇ ଏକ ସଫଳ କ୍ରିଡ଼ାବିତ୍‌ର ଲକ୍ଷ୍ୟ ପଥରେ ଆଗେଇବା ଏକ ସଫଳ ମାଧ୍ୟମ ବୋଲି ମତପ୍ରକାଶ କରିଥିଲେ । ଏହି ଉତ୍ସବରେ କ୍ରୀଡ଼ା ସଂସଦର ସମ୍ପାଦକ ସୟଦ ଅକମଲ ଅଲ୍ଲୀ ସିଏମ୍ ଟ୍ରଫିରେ ୧୦ଟି ବାଳକ ବିଭାଗର ଟିମ୍ ଏବଂ ୬ଟି ବାଳିକା ବିଭାଗର ଟିମ୍ ଯୋଗଦେଇଥିବା ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ସହ ଜିଲ୍ଲା ଟିମ୍ ଚୟନ ନିମନ୍ତେ ସମସ୍ତେ ଏହି ପ୍ରତିଯୋଗୀତାରେ ସଫଳ ପ୍ରଦର୍ଶନ ନିମନ୍ତେ ଆହ୍ୱାନ ଦେଇଥିଲେ । ଜିଲ୍ଲା କ୍ରୀଡ଼ା ସମ୍ପାଦକ ଜ୍ୟୋର୍ତିମୟ ଦାସ ସଭା ପରିଚାଳନା କରିବା ସହ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୋଷାଧକ୍ଷ ଯୁଧିଷ୍ଠିର ଲେଙ୍କା, ବରିଷ୍ଠ ସଭ୍ୟ ସସ୍ମିତା ପଣ୍ଡା, ଦେବେନ୍ଦ୍ର ସାହୁ, ମନୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଖୋ ଖୋ ପ୍ରତିଯୋଗୀତାକୁ ଶାରୀରିକ ଶିକ୍ଷା ଶିକ୍ଷକ ଅରବୃନ୍ଦ ତରାଇ, ଜ୍ୟୋର୍ତିମୟୀ ଶତପଥି, ଅମ୍ବିକା ମହାନ୍ତି, ମାନସ ରଞ୍ଜନ ସାହୁ, ଶକ୍ତି ସ୍ୱରୁପ ସାହୁ, ମାମୁନି ଦାସ, ଅଶୋକ କୁମାର ସାହୁ ପ୍ରମୁଖ ଖେଳ ପରିଚାଳନା କରିଥିଲେ । ଏହି ପ୍ରତିଯୋଗୀତା ଦୁଇଦିନ ଧରି ଅନୁଷ୍ଠିତ ହେବ । ଆଜିର ପ୍ରଥମ ମ୍ୟାଚରେ ବାଳକ ବିଭାଗରେ ବଗଡ଼ା ଦଳ ଜେନିଥ ସ୍କୁଲକୁ ୧ ପଏଂଟ ବ୍ୟବଧାନରେ ପରାସ୍ତ କରିଛି । ଦ୍ୱିତୀୟ ମ୍ୟାଚରେ ଗରପୁରର ଜେ.ଏନ୍.ଭି.କୁ ୧ପଏଂଟ ବ୍ୟବଧାନରେ, ତୃତୀୟ ମ୍ୟାଚରେ କେନ୍ଦ୍ରାପଡ଼ା ବ୍ଲକର କେନ୍ଦ୍ରୀୟ ବିଦ୍ୟାଳୟ ୨ ପଏଂଟ, ଚତୁର୍ଥ ମ୍ୟାଚରେ ରାଜକନିକା ୨୪ପଏଂଟ ବ୍ୟବଧାନରେ କୋରୁଆକୁ ହରାଇ ସେମି ଫାଇନାଲରେ ସ୍ଥାନ ପକ୍କା କରିଛି । ବାଳିକା ବିଭାଗରେ ବଗଡ଼ା ଦଳ କେନ୍ଦ୍ରୀୟ ବିଦ୍ୟାଳୟକୁ ୧୩ପଏଂଟ ଏବଂ ପଟ୍ଟାମୁଣ୍ଡାଇ ଦଳ ରାଜକନିକାକୁ ସଡନଡେଥ୍ ମାଧ୍ୟମରେ ପରାସ୍ତ କରି ସେମିଫାଇନାଲକୁ ଉତୀର୍ଣ୍ଣ ହୋଇଛି ।

ବିଧାୟକଙ୍କ ଘରେ ପହଂଚି ସମବେଦନା ଜଣାଇଲେ ସାଂସଦ

କେନ୍ଦ୍ରାପଡ଼ା,୨/୫(ନି/ପ୍ର): କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରାଙ୍କର ଭାଇ ସ୍ୱର୍ଗତଃ ସର୍ବେଶ୍ୱର ବେହେରାଙ୍କ ସଡକ ଦୁର୍ଘଟଣାରେ ପରଲୋକ ହୋଇଥିଲା । କେନ୍ଦ୍ରାପଡା ସାଂସଦ ତଥା ରାଷ୍ଟ୍ରୀୟ ବିଜେପି ଉପାଧ୍ୟକ୍ଷ ବୈଜୟନ୍ତ ଜୟ ପଣ୍ଡା ଖବର ପାଇ ବିଧାୟକ ଶ୍ରୀ ବେହେରାଙ୍କ ବାସଭବନରେ ପହଂଚି ତାଙ୍କୁ ସମବେଦନା ଜଣାଇବା ସହ ତାଙ୍କ ପରିବାର ଲୋକଙ୍କୁ ସାନ୍ତ୍ୱନା ଦେଇଥିଲେ । ସାଂସଦଙ୍କର ଏହି ସମବେଦନା ଜଣାଇବା ସମୟରେ ବିଜେପିର ବିଧାନସଭା ନେତ୍ରୀ ଗୀତାଞ୍ଜଳି ସେଠୀ, ଦୁର୍ଯ୍ୟୋଧନ ସାହୁ, ବିଜେପିର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

ଝୁମ୍ପୁରା ବ୍ଲକ ନହବେଡାରେ ଆମ ଆଦମୀ ପାର୍ଟିର ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ମିଶ୍ରଣ ପର୍ବ

କେନ୍ଦୁଝର,୨/୫(ନି/ପ୍ର): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ନହବେଡା ଠାରେ ଆଜି ଆମ ଆଦମୀ ପାର୍ଟି ପକ୍ଷରୁ ସାଙ୍ଗଠନିକ କାର୍ଯ୍ୟକ୍ରମ ଓ ମିଶ୍ରଣ ପର୍ବ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଝୁମ୍ପୁରା ବ୍ଲକ ସଭାପତି ଦିଲେଶ୍ୱର ମହାନ୍ତଙ୍କ ନେତୃତ୍ୱରେ ନହବେଡା, ଖେଣ୍ଡରା ଓ ବଡ଼ବିଲ ଅଂଚଳର ଶତାଧିକ କର୍ମୀ ଅରବିନ୍ଦ କେଜ୍ରିୱାଲଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ଆଦମୀ ପାର୍ଟିରେ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲ୍ଲା ପ୍ରଭାରୀ ଆଚାର୍ଯ୍ୟ କଲ୍ୟାଣ ଆନନ୍ଦ ଯୋଗଦେଇ ନୂତନ କର୍ମକର୍ତାମାନଙ୍କୁ ଉତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ । ଏହି ଅବସରରେ ଜିଲ୍ଲା ସଭାପତି ପ୍ରେମାନନ୍ଦ ସିଂ, ଜିଲ୍ଲା ଉପସଭାପତି ଜୈନୁଲ ଆବେଦିନ, କେନ୍ଦୁଝର ନିର୍ବାଚନ ମଣ୍ଡଳ ସଭାପତି ଜୟକୃଷ୍ଣ ନାଏକ, ଜିଲ୍ଲା ସମ୍ପାଦକ ଶଶାଙ୍କ ଶେଖର ସାହୁ, ଜିଲ୍ଲା କୋଷାଧକ୍ଷ ସନ୍ତୋଷ ବାରିକ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ସଂଗଠନକୁ ଆହୁରି ସୁଦୃଢ କରିବା ପାଇଁ ନୂତନଭାବେ ଯୋଗଦେଇଥିବା ଡମ୍ବରୁଧର ମହାନ୍ତଙ୍କୁ ଝୁମ୍ପୁରା ବ୍ଲକ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦିଆଯାଇଥିଲା । ସେହିପରି ଝରଣା ନାଏକଙ୍କୁ ଜିଲ୍ଲା ମହିଳା ମୋର୍ଚ୍ଚା ସଭାପତି, ସୁମିତ୍ରା ପ୍ରଧାନଙ୍କୁ ବଡ଼ବିଲ ଓ ଯୋଡ଼ା ମୁନିସିପାଲିଟି ମହିଳା ସଭାପତି ଭାବେ ଦାୟିତ୍ୱ ଅର୍ପଣ କରାଯାଇଥିଲା । ନିକଟରେ ଦଳରେ ଯୋଗଦେଇଥିବା ସରୋଜ ନାୟକଙ୍କୁ ଜିଲ୍ଲା ନିର୍ବାଚନ ସଂଗଠକ ପରିଚାଳକ ଭାବେ ନିଯୁକ୍ତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ଭବାନୀ ଶଙ୍କର ମହାନ୍ତ, କମଲ ଲୋଚନ ମହାନ୍ତ, ଦାଶରଥି ମହାନ୍ତ, ଭଂଜକିଶୋର ମହାନ୍ତ, ଚକ୍ରଧର ମହାନ୍ତ ଓ ଦୀପକ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

ଟାଇକ୍ୱାଣ୍ଡୋ କଲର ବେଲ୍ଟ ପରୀକ୍ଷା

କେନ୍ଦୁଝର, ୨/୫(ନି/ପ୍ର): ପ୍ୟାସନ୍ ଟାଇକ୍ୱାଣ୍ଡୋ ପକ୍ଷରୁ ୧୫ତମ କଲର ବେଲ୍ଟ ଓ ବ୍ଲାକ ବେଲ୍ଟ ପ୍ରମୋଶନ ପରୀକ୍ଷା କେନ୍ଦୁଝର ଜିଲ୍ଲାର ଜିମନେସିୟମ କମ୍ ଇଣ୍ଡୋର ହଲ୍‌ରେ ସଫଳତାର ସହିତ ଆୟୋଜିତ ହୋଇଯାଇଛି ।ଏହି ପରୀକ୍ଷାରେ ତିନୋଟି ଏକାଡେମୀରୁ ପ୍ରାୟ ୭୦ ଜଣ କଲର ବେଲ୍ଟ ଓ ୧୨ ଜଣ ବ୍ଲାକ ବେଲ୍ଟ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ ।ପରୀକ୍ଷାର ପ୍ରଧାନ ପରୀକ୍ଷକ ଭାବେ ମାଷ୍ଟର ମନମୋହନ ଭଞ୍ଜ (ସାଧାରଣ ସମ୍ପାଦକ,ଓଡିଶା ଟାଇକ୍ୱାଣ୍ଡୋ ଏସୋସିଏସନ,ପୁରୀ),ଷଷ୍ଠ ଡାନ ବ୍ଲାକ ବେଲ୍ଟ ଓ ଆନ୍ତର୍ଜାତୀୟ ଟାଇକ୍ୱାଣ୍ଡୋ ପରୀକ୍ଷକ,ବିଭିନ୍ନ ବେଲ୍ଟର ପରୀକ୍ଷା ଗ୍ରହଣ କରିଥିଲେ ।ତାଙ୍କ ସହ ମାଷ୍ଟର ମୌଳୀନ୍ଦୁ କୁମାର ମହାନ୍ତ (ଏକାଡେମୀ ମୁଖ୍ୟ, ପ୍ୟାସନ୍ ଟାଇକ୍ୱାଣ୍ଡୋ),୪ର୍ଥ ଡାନ ବ୍ଲାକ ବେଲ୍ଟ ଓ ଆନ୍ତର୍ଜାତୀୟ ପରୀକ୍ଷକ,ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ ।ଏହାସହ ଟାଇକ୍ୱାଣ୍ଡୋ କୋଚ୍ କୁନୁ ସାର୍,ମନୀଷ ସାର୍,ରୋହିତ ସାର୍ ଓ ଦେବୀରୂପା ଆଦି ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ ।ପରୀକ୍ଷାରେ ଛାତ୍ରଛାତ୍ରୀମାନେ ନିଜର ଦକ୍ଷତା,ଶୃଙ୍ଖଳା ଓ ଆତ୍ମବିଶ୍ୱାସର ଉତ୍କୃଷ୍ଟ ପ୍ରଦର୍ଶନ କରିଥିଲେ । ଆୟୋଜକ ପକ୍ଷରୁ କୁହାଯାଇଛି ଯେ,ଏପରି ପରୀକ୍ଷା ଯୁବପିଢ଼ୀଙ୍କ ମଧ୍ୟରେ ଆତ୍ମରକ୍ଷା ସହ ନୈତିକ ମୂଲ୍ୟବୋଧର ବିକାଶରେ ସହାୟକ ହୁଏ ।

କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟରେ 'ମାନସିକ ସ୍ୱାସ୍ଥ୍ୟ ବୃଦ୍ଧି ଓ ଦୁଶ୍ଚିନ୍ତା ଦୂର କରିବାରେ ଯୋଗର ଭୂମିକା' ଶୀର୍ଷକ କର୍ମଶାଳା

ଅନୁଗୋଳ ଓକିଲ ସଂଘ ପକ୍ଷରୁ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳିତ

ମଧୁବାବୁ ଓଡ଼ିଆ ଜାତୀର ସ୍ୱାଭିମାନର ପ୍ରତୀକ : ଜଷ୍ଟିସ ଶ୍ରୀ ମିଶ୍ର

ଅନୁଗୋଳ,୨/୫(ନି/ପ୍ର): ଅନୁଗୋଳ ଓକିଲ ସଂଘ ପକ୍ଷରୁ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ସ୍ଥାନୀୟ ସଭାଘର ଠାରେ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଅନୁଗୋଳ ଓକିଲ ସଂଘର ସଭାପତି ଦିଲ୍ଲୀପ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ନ୍ୟାୟମୂର୍ତି ଶଶିକାନ୍ତ ମିଶ୍ର, ନ୍ୟାୟଧିଶ ଓଡିଶା ଉଚ୍ଚ ନ୍ୟାୟାଳୟ ଯୋଗ ଦେଇ ଉତ୍କଳ ଗୌରବ ମଧୁବାବୁଙ୍କ ଜୀବନୀ, ଆଦର୍ଶ ତଥା ଓଡ଼ିଆଙ୍କ ପ୍ରତି ତାଙ୍କ ଶ୍ରଦ୍ଧା ଓ ସମ୍ମାନ ବିଷୟରେ ବହୁ ଶିକ୍ଷଣୀୟ ସୂଚନା ପ୍ରଦାନ କରିବା ସହିତ ମଧୁବାବୁଙ୍କ ତ୍ୟାଗ, ନିଷ୍ଠା ଓ ସାଧନା ଯୋଗୁଁ ଆଜି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇପାରିଛି ବୋଲି ପ୍ରକାଶ କରି ମଧୁବାବୁ ଓଡ଼ିଆ ଜାତିର ସ୍ୱାଭିମାନର ପ୍ରତୀକ ଥିଲେ ବୋଲି କହିଥିଲେ । ମଧୁବାବୁଙ୍କ ଆଦର୍ଶକୁ ଜୀବନରେ ଉପଯୋଗ କରିପାରିଲେ ମଧୁବାବୁଙ୍କ ପାଇଁ ଏହା ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ ବୋଲି ନ୍ୟାୟମୂର୍ତି ଶ୍ରୀ ମିଶ୍ର କହିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ କିଟ ଆଇନ ମହାବିଦ୍ୟାଳୟ, ଭୁବନେଶ୍ୱର ସହକାରୀ ପ୍ରଫେସର ସର୍ବେସ ଶାହୀ, ସମ୍ମାନିତ ଅତିଥି ଭାବରେ ମାନ୍ୟବର ଜିଲ୍ଲା ଦୌରାଜଜ୍ ଅନୁଗୋଳ ନିରଞ୍ଜନ ପଣ୍ଡା ଯୋଗ ଦେଇ ମଧୁବାବୁଙ୍କ ଜୀବନୀ ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଓକିଲ ସଂଘର ସାଧାରଣ ସମ୍ପାଦକ ନିରୋଦ କୁମାର ମିଶ୍ର ସଂଘର ବାର୍ଷିକ ବିବରଣୀ ପାଠ କରିଥିଲେ । ଉପ ସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ, ସହ ସମ୍ପାଦକ ପ୍ରଭୁ ପ୍ରସାଦ ପ୍ରଧାନ, ସାଂସ୍କୃତିକ ସମ୍ପାଦିକା ଜ୍ୟୋସ୍ନାମୟୀ ସାହୁ, କୋଷାଧକ ପ୍ରଦୀପ ସେଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ । ସହ ଅନୁଗୋଳ ଓକିଲ ସଂଘର ସଦସ୍ୟଗଣ ପ୍ରମୁଖ ଉପସ୍ଥିତ ଥିଲେ । ଆଇନଜୀବୀ ସଞ୍ଜୟ କୁମାର ସାହୁ ସଭାକାର୍ଯ୍ୟକୁ ସଚାଂଳନ କରିଥିଲେ ।ମଧୁ ଜୟନ୍ତୀ ଓ ଓକିଲ ଦିବସ ସମାରୋହ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ନୃତ୍ୟ, ସଙ୍ଗୀତ ପରିବେଷଣ କରାଯାଇଥିଲା ।ଅନୁଗୋଳ ଓକିଲ ସଂଘର ସଦସ୍ୟ ମାନଙ୍କ ଦ୍ୱାରା ନାଟକ ବାପା ହଜିଗଲେ ମଂଚସ୍ଥ ହୋଇଥିଲା । କାର୍ଯ୍ୟକ୍ରମ ଅବସରରେ କୁନି ପ୍ରତିଯୋଗୀ ମାନଙ୍କ ଦ୍ୱାରା ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏହି ଦିବସ ଅବସରରେ ବରିଷ୍ଠ ଆଇନଜୀବୀ ସୁଦାମ ଚରଣ ସାହୁ ମାନସ କୁମାର ପ୍ରଧାନ, ସୁଶାନ୍ତ କୁମାର ମହାପାତ୍ର, ଆଠମଲ୍ଲିକ ଓକିଲ ସଂଘ, ତାଳଚେର ଓକିଲ ସଂଘ, ପାଲଲହଡା ଓକିଲ ସଂଘ, ଛେଣ୍ଡିପଦା ଓକିଲ ସଂଘର କାର୍ଯ୍ୟକାର୍ତାଙ୍କୁ ମୁଖ୍ୟ ଅତିଥି ଶ୍ରୀ ମିଶ୍ର ମାନପତ୍ର ସହ ଟ୍ରଫି ପ୍ରଦାନ ସ୍ୱରୂପ ସମ୍ବର୍ଦ୍ଧିତ କରିଥିଲେ । କୃତି କୁନି ପ୍ରତିଯୋଗୀଙ୍କୁ ଅତିଥିଗଣ ଟ୍ରଫି ସହ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମର ଶେଷରେ ସଂଘର ଉପସଭାପତି ପ୍ରଦୀପ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବୀ ସୁବାସ ମିଶ୍ର, ଦୁର୍ଗା ଶଙ୍କର ମିଶ୍ର,ଭାସ୍କର ବେହେରା,ବସନ୍ତ ଦାସ,ସୁବାସ ସାହୁ, ମହେନ୍ଦ୍ର ବସ୍ତିଆ,ପ୍ରଦୀପ ଦେବତା, ଜିତେନ୍ଦ୍ର ସାହୁ,ରମେଶ ସାହୁ, ସୁଶୀଲ ପ୍ରଧାନ, ବିଭୁତି ଦାଶ, ସଞ୍ଜୟ ମହାପାତ୍ର, ରଜତ ଦାଶ, ବିପିନ ସାହୁ, ମମତା ପଟ୍ଟନାୟକ, ମମତା ପ୍ରଧାନ, ମମତା ମହାପାତ୍ର,ବେନଜୀର ଷଡ଼ଙ୍ଗୀ, ଶ୍ରିୟଙ୍କା ପ୍ରିୟଦର୍ଶିନୀ ନନ୍ଦଙ୍କ ସମେତ ସଂଘର ଶତାଧିକ ସଦସ୍ୟ, ସଦସ୍ୟା ଆଇନଜୀବୀ, ସହର ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ ।

ବିବିଧା

ରାଶିଫଳ

ମେଷ: ଅଚାନକ ଖୁସି ଖବର ମିଳିବ। ପରିବାର ସଦସ୍ୟଙ୍କ ସହିତ ଦିନଟି ହସଖୁସିରେ ଅତିବାହିତ ହେବ। ପୁରୁଣା ନିବେଶରୁ ଲାଭ ମିଳିପାରେ। ମହିଳାମାନଙ୍କ ମନୋସ୍କାମନା ପୂର୍ଣ୍ଣ ହୋଇପାରେ।

ବୃଷ: ସାମାଜିକ କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି। ଅଚାନକ ଧନ ବୃଦ୍ଧି ପାଇବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ। ଲୋକପ୍ରିୟତା ବୃଦ୍ଧି ପାଇବ। ପିଲାମାନେ ଖେଳମଗ୍ନ ହେବେ।

ମିଥୁନ: ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିପାରନ୍ତି। ପେଟଜନିତ ସମସ୍ୟା ଦେଖାଦେଇପାରେ। ଖର୍ଚ୍ଚ ନିୟନ୍ତ୍ରଣ କରନ୍ତୁ। ଅନ୍ୟମାନଙ୍କୁ ସାହାଯ୍ୟ କରି ପ୍ରଶଂସିତ ହୋଇପାରନ୍ତି।

କର୍କଟ: ଅଫିସ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଯୋଜନା ମୁତାବକ କାମ କରନ୍ତୁ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇ ପାରେ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ।

ସିଂହ: ଯୋଗ ଓ ପ୍ରାଣାୟାମରୁ ଦିନଟି ଆରମ୍ଭ କରିବେ। ଅଚାନକ ଧନ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ନୂତନ ବ୍ୟବସାୟ ପାଇଁ ଭଲ ସମୟ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନସମ୍ମାନ ବୃଦ୍ଧି ପାଇବ।

କନ୍ୟା: ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଯୋଜନା ମୁତାବକ କାମ କରିବେ। ସକାରାତ୍ମକ ଚିନ୍ତା ଠିକ୍ ନିଷ୍ପତ୍ତି ନେବାରେ ସାହାଯ୍ୟ କରିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ।

ତୁଳା: ଅଚାନକ ଖୁସି ଖବର ପାଇବେ। ଦୀର୍ଘଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ। ପେଟଜନିତ ସମସ୍ୟା ହୋଇପାରେ।

ବିଛା: ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କଳାଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପତିପତ୍ନୀଙ୍କ ମଧ୍ୟରେ ଭୁଲ ବୁଝାମଣା ହୋଇପାରେ। ବାସ୍ତୁ ସମସ୍ୟା ହୋଇପାରେ।

ଧନୁ: ଆଜିର ଦିନରେ ବ୍ୟସ୍ତ ରହିପାରନ୍ତି। ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବାସ୍ତୁ ସମସ୍ୟା ଲାଗି ପାରନ୍ତି।

ମକର: ଦିନଟି ସୁଖପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକପ୍ରିୟତା ବୃଦ୍ଧି ପାଇବ। ଅପ୍ରିୟସତ କହି ସମସ୍ୟାରେ ପଡ଼ିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ।

କୁମ୍ଭ: ନୂତନ ବ୍ୟବସାୟ ଆରମ୍ଭ କରିବାକୁ ବର୍ତ୍ତମାନ ସମୟ ଅନୁକୂଳ। ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ମିଳିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିବେ।

ମୀନ: ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆଜିଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

ଆଜିର ଇତିହାସ

- ୧୮୯୭- ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ମିଶନର ସ୍ଥାପନା କଲେ।
- ୧୯୨୩- ଭାରତରେ ମଇ ଦିବସ ପାଳନ ଆରମ୍ଭ ହେଲା।
- ୧୯୬୦- ମହାରାଷ୍ଟ୍ର ଓ ଗୁଜରାଟ ଅଲଗା ଅଲଗା ରାଜ୍ୟ ହେଲା।
- ୧୯୭୨-ଦେଶର କୋଇଲା ଖଣିଗୁଡ଼ିକର ଜାତୀୟକରଣ ଆରମ୍ଭ ହେଲା।
- ୨୦୦୪- ୟୁରୋପୀୟ ସଂଘରେ ୧୦ଟି ନୂଆ ରାଷ୍ଟ୍ର ସାମିଲ ହେଲେ।
- ୨୦୦୯ - ସ୍ୱିଡେନରେ ସମଲିଙ୍ଗୀ ବିବାହକୁ ଅନୁମତି ମିଳିଲା।



ଶ୍ରମିକମାନଙ୍କ କଠିନ ପରିଶ୍ରମ ଓ ଅବଦାନକୁ ସମ୍ମାନ ଜଣାଇବା ପାଇଁ ପ୍ରତିବର୍ଷ ମଇ ୧ ତାରିଖକୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ବା ମଇ ଦିବସ ଭାବରେ ପାଳନ କରାଯାଏ। ଏହି ଦିନଟି ଶ୍ରମିକମାନଙ୍କ ଅଧିକାର ଓ ସାମାଜିକ ସୁରକ୍ଷା ପାଇଁ ସ୍ୱର ଉତ୍ତୋଳନ କରିବାର ଏକ ମାଧ୍ୟମ ଅଟେ। ଶ୍ରମିକମାନେ ରାଷ୍ଟ୍ର ନିର୍ମାଣର ମୁଖ୍ୟ ଆଧାର। ସେମାନଙ୍କ ଶ୍ରମ ଓ ପରିଶ୍ରମ ବିନା ଦେଶର ପ୍ରଗତି ଅସମ୍ଭବ, ତେଣୁ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଓ ଅଧିକାର ଦେବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି। ଶ୍ରମିକ କଥା ପଡ଼ିଲେ ମନକୁ ଆସେ, ତୁ ତୁ ଖରା, ମୂଷଳ ବର୍ଷା ଓ ହାଡ଼କମ୍ପା ଶୀତରେ କାମ କରୁଥିବା ମେହନତୀ ମଣିଷଟିଏ। ନଦୀବନ୍ଧ, ବିମାନବନ୍ଦର, ମେଡିକାଲ, ରାସ୍ତା, ଅଫିସ୍ ଠାରୁ ଆରମ୍ଭ କରି ସ୍ୱତନ୍ତ୍ର ବିଲ୍ଡିଂ ସବୁ ପଛରେ ଶ୍ରେୟ ଯାଏ ଶ୍ରମିକମାନଙ୍କୁ। ଯେଉଁମାନେ ଦିନ ରାତି ଏକ କରି ରକ୍ତକୁ ପାଣି କରି ଏସବୁ ଗଢ଼ିବାରେ ନିଜ ଜୀବନକୁ ବାଜି ଲଗାଇଥାନ୍ତି। ଦିନ ଥିଲା, ବିଶ୍ୱରେ ପୁଞ୍ଜିପତି ଶ୍ରେଣୀ ଶ୍ରମିକମାନଙ୍କୁ ମନଇଚ୍ଛା ଖଟାଉଥିଲେ। କାମ କରିବାର କୌଣସି ସମୟ ନ ଥିଲା କି ପରିଶ୍ରମ ଅନୁଯାୟୀ ପ୍ରାପ୍ୟ ମଧ୍ୟ ମିଳୁ ନ ଥିଲା। ଏହାକୁ ବିରୋଧ କରି ଦୈନିକ ଆଠ ଘଣ୍ଟା କାର୍ଯ୍ୟ ଦାବିରେ ଆମେରିକାର ଶ୍ରମିକ ସଂଗଠନ ରାଜରାସ୍ତାକୁ ଓହ୍ଲାଇଥିଲା। ୧୮୮୬ ମସିହା ମେ ୧ ତାରିଖରେ ଆମେରିକାର ପାଖାପାଖି ୩ ଲକ୍ଷ ୮୦ ହଜାର ଶ୍ରମିକ ଏହି ଆନ୍ଦୋଳନରେ ସାମିଲ ହୋଇଥିଲେ। ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ପୋଲିସ ଆନ୍ଦୋଳନକାରୀଙ୍କ ଉପରେ ଗୁଳିମାଡ଼ କରିଥିଲା। ଏଥିରେ ଅନେକ ଶ୍ରମିକଙ୍କ ମୃତ୍ୟୁ ହୋଇଥିଲା। ଏହାର ୩ ବର୍ଷ ପରେ ୧୮୮୯ ମସିହାରେ ପ୍ୟାରିସ୍‌ଠାରେ ଅନ୍ତର୍ଜାତୀୟ ସମାଜବାଦୀ ସମ୍ମିଳନୀ ହୋଇଥିଲା। ଏହି ସମ୍ମିଳନୀରେ ଶ୍ରମିକମାନେ ଦିନକୁ ୮ ଘଣ୍ଟା କାମ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିସହ ମେ ୧କୁ ଅନ୍ତର୍ଜାତୀୟ ଶ୍ରମିକ ଦିବସ ପାଳନ କରାଯିବା ପ୍ରସ୍ତାବ ମଧ୍ୟ ପାରିତ ହୋଇଥିଲା। ଏହାପରଠୁ ସାରା ବିଶ୍ୱରେ ମେ ୧କୁ ଶ୍ରମିକ ଦିବସ ଭାବେ ପାଳନ କରାଯାଉଛି। ଭାରତରେ ପ୍ରଥମ କରି ୧୯୨୩ ମସିହା ମେ ୧ ତାରିଖରେ ମଦ୍ରାଜ (ବର୍ତ୍ତମାନର ଚେନ୍ନାଇ) ଠାରେ 'ଲେବର କିଷାନ ପାର୍ଟି ଅଫ୍ ହିନ୍ଦୁସ୍ତାନ' ଦ୍ୱାରା ଏହି ଦିବସ ପାଳନ କରାଯାଇଥିଲା। ଅନିଶ୍ଚିତ ରୋଜଗାର ସାଙ୍ଗକୁ ମୌଳିକ ସୁବିଧା ପାଇ ନ ଥିବାରୁ ଆଜି ବି ବହୁ ଶ୍ରମିକ ଜର୍ଜରିତ ହେଉଛନ୍ତି। ଶ୍ରମିମାନଙ୍କର ସମସ୍ୟାର ସମାଧାନ ହୋଇପାରିଲେ ଏହି ଦିବସ ପାଳନର ପ୍ରକୃତ ଉଦ୍ଦେଶ୍ୟ ପୂରଣ ହୋଇପାରିବ। ଏହି ଦିନ ବିଭିନ୍ନ ଶ୍ରମିକ ସଙ୍ଗଠନଗୁଡ଼ିକ ଦ୍ୱାରା ଶ୍ରମିକଙ୍କ ସ୍ଥିତି ମଜବୁତ କରିବା ପାଇଁ ସଭାସମିତିମାନ ଆୟୋଜନ କରାଯାଏ।

ବାହାଘରରେ ଅଜବ ଦୃଶ୍ୟ

ହୋଭରବୋର୍ଡରେ ଆସି ପରଷୁଛନ୍ତି ଖାଦ୍ୟ

ଭାରତୀୟ ବିବାହ ତା'ର ଭବ୍ୟତା ଏବଂ ପରମ୍ପରା ଲାଗି ଜଣାଯାଏ। ହେଲେ ଏବେ ବିବାହଗୁଡ଼ିକରେ ଆଧୁନିକତାର ସ୍ପର୍ଶ ଦେବାକୁ ଯାଇ ବହୁ ବିଚିତ୍ର ଜିନିଷ ମାନ ଦେଖିବାକୁ ମିଳୁଛି। ଏଥିପାଇଁ ବେଳେବେଳେ ଅପ୍ରୀତିକର ପରିସ୍ଥିତି ମଧ୍ୟ ସୃଷ୍ଟି ହେଉଛି। ଏହି କ୍ରମରେ ନିକଟରେ ଏକ ବାହାଘରର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଏହା ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ବିବାହରେ ମହିଳା ୱେଟରମାନେ ଚାଲିକି ନୁହେଁ, ବରଂ ହୋଭରବୋର୍ଡରେ ଆସି ଅତିଥିଙ୍କୁ ସେବା ପ୍ରଦାନ କରୁଥିବାର ଦେଖିବାକୁ ମିଳିଛି। ଭାଇରାଲ ଭିଡିଓରେ ପାରମ୍ପରିକ କ୍ୟାଟରିଂ ବଦଳରେ ଯୁବତୀମାନେ ହୋଭରବୋର୍ଡରେ ଆସି ଅତିଥିଙ୍କୁ ଖାଦ୍ୟ,ପାନୀୟ ପ୍ରଦାନ କରୁଥିବାର ଦେଖାଯାଉଛି। ଏହି ଯୁବତୀମାନେ ମିନି ଗାଉନ୍ ଓ ସିଲଭର ପିନ୍ଧି ପୂରା ମଣ୍ଡପରେ ବୁଲୁଛନ୍ତି। ତା'ସହ ସେମାନେ ଅତିଥିଙ୍କୁ ଡ୍ରିଙ୍କସ୍ ଏବଂ ସ୍ନାକ୍ସ ପରଷୁଛନ୍ତି। ଅନେକ ଯୁବତୀ ହାତରେ ଟ୍ରେ ଏବଂ ଡ୍ରିଙ୍କସ୍ ଧରି ହୋଭରବୋର୍ଡରେ ସନ୍ତୁଳନ ରକ୍ଷା କରିବାକୁ ଚେଷ୍ଟା କରୁଥିବାର ଭିଡିଓରେ ଦେଖିବାକୁ ମିଳିଛି। ଅବଶ୍ୟ ସେଠାରେ ଉପସ୍ଥିତ ଥିବା ଲୋକ ଏହି ଦୃଶ୍ୟକୁ ଦେଖି ଆଶ୍ଚର୍ଯ୍ୟ ହୋଇନାହାନ୍ତି। ଏହି ଭିଡିଓରେ ପ୍ରତିକ୍ରିୟା ଦେଇ ଅଧିକାଂଶ ଲୋକ ଏଭଳି ବ୍ୟବସ୍ଥାକୁ ବାଜେ ଖର୍ଚ୍ଚ ବୋଲି କହିଛନ୍ତି। ଆଉ କିଛି ଜଣ ଯୁବତୀମାନଙ୍କୁ ଏପରି କରିବା ପାଇଁ ବାଧ କରାଯାଉଥିବ ବୋଲି କହିଛନ୍ତି। ସମାଜରେ ନିଜର ପ୍ରତିପତ୍ତି ଦେଖାଇବା ପାଇଁ କିଛି ଲୋକ ଏଭଳି ଧାରା ବିବାହରେ ଆପଣାଉଛନ୍ତି ବୋଲି ଅନ୍ୟ କିଛି ଜଣ ମତ ଦେଇଛନ୍ତି।

ଆସିବ 'ଥ୍ରି ଇଡିଅଟ୍ସ'ର ସିକ୍ୱେଲ

ରାଜକୁମାର ହିରାନୀଙ୍କ ଫିଲ୍ମ 'ଥ୍ରି ଇଡିଅଟ୍ସ' ୨୦୦୯ରେ ଆସିଥିଲା। ଫିଲ୍ମର କାହାଣୀ ତିନିଜଣ ଇଞ୍ଜିନିୟରିଂ ଛାତ୍ର ରାଞ୍ଚୋ (ଆମିର ଖାନ୍), ଫରହାନ୍ (ଆର୍.ମାଧବନ୍) ଏବଂ ରାଜୁ (ଶର୍ମନ୍ ଯୋଶୀ) ଙ୍କ ବନ୍ଧୁତା ଏବଂ କଲେଜ ଜୀବନ ଉପରେ ଆଧାରିତ ଥିଲା। ଫିଲ୍ମରେ ପୁସ୍ତକ ଜ୍ଞାନ ଅପେକ୍ଷା ଶିକ୍ଷାର ପ୍ରାୟୋଗିକ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହା ବକ୍ସଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏବେ ଏହାର ସିକ୍ୱେଲ ଆଣିବା ପାଇଁ ରାଜକୁମାର ହିରାନୀ ଯୋଜନା କରିଛନ୍ତି। ଫିଲ୍ମରେ ରାଞ୍ଚୋ ଭୂମିକାରେ ଅଭିନୟ କରିଥିବା ଅଭିନେତା ଆମିର୍ ଖାନ୍ ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି, 'ରାଜକୁମାର ହିରାନୀ ଏବଂ ଲେଖକ ଅଭିଜାତ ଯୋଶୀ 'ଥ୍ରି ଇଡିଅଟ୍ସ ୨' ଉପରେ କାମ ଆରମ୍ଭ କରିଦେଇଛନ୍ତି। ମୁଁ ଏହାର କାହାଣୀ ଶୁଣିଛି ଏବଂ ଏହା ଅତ୍ୟନ୍ତ ଚମତ୍କାର ହୋଇଛି। ଏହାର କାହାଣୀ ଉପରେ ଆଉ କିଛି କାମ ବାକି ଅଛି। ଏଥିରେ ରାଞ୍ଚୋ, ଫରହାନ୍ ଏବଂ ରାଜୁଙ୍କ ଜୀବନ ୧୦ ବର୍ଷ ପରେ କେଉଁ ମୋଡ଼ରେ ପହଞ୍ଚିଛି ଏବଂ ସେମାନଙ୍କ ବନ୍ଧୁତା କିଭଳି ରହିଛି, ତାହା ଦର୍ଶାଯିବ। ପୁଣିଥରେ ମୁଁ 'ଫୁନସୁଖ ୱାଙ୍ଗଡୁ' ଭୂମିକାରେ ଅଭିନୟ କରିବାକୁ ବହୁତ ଉତ୍ସାହିତ ଅଛି।' ଏଥିରେ ଆମିର୍‌ଙ୍କ ସହ ମୂଳ ଫିଲ୍ମର ଶର୍ମନ୍ ଯୋଶୀ, ଆର୍. ମାଧବନ୍ ଓ କରିନା କପୁର ନଜର ଆସିବେ ବୋଲି ଚର୍ଚ୍ଚା ହେଉଛି।



ସଞ୍ଜୀବନୀ

ୱିଲସନ୍ ଡିଜିଜ୍

ଆଜିକାଲି ବିଶୃଙ୍ଖଳିତ ଜୀବନ ଶୈଳୀ ଯୋଗୁଁ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏମିତି ଏକ ରୋଗ ହେଉଛି ୱିଲସନ୍ ଡିଜିଜ୍। ଏକଲକ୍ଷ ଲୋକଙ୍କ ମଧ୍ୟରୁ ଜଣଙ୍କୁ ଏହି ରୋଗ ହୋଇଥାଏ। ପୀଡ଼ିତ ରୋଗୀଙ୍କୁ ଜୀବନସାରା ଔଷଧ ଉପରେ ନିର୍ଭର ରହିବାକୁ ପଡ଼ିଥାଏ।

ୱିଲସନ୍ ଏକ ଦୁର୍ଲଭ ବଂଶାନୁଗତିକ ରୋଗ। ପିତାମାତାଙ୍କଠାରୁ ସନ୍ତାନଙ୍କୁ ଏହା ସ୍ଥାନାନ୍ତରିତ ହୋଇଥାଏ। ସାଧାରଣତଃ ମନୁଷ୍ୟ ଶରୀରରେ କପର ସ୍ନାୟୁ ଏବଂ ଯକୃତର ଗଠନ ଓ କାର୍ଯ୍ୟକ୍ଷମତା ପାଇଁ କାର୍ଯ୍ୟକରେ। ହେଲେ ଯେତେବେଳେ ATP7B ଜିନ୍‌ରେ ମ୍ୟୁଟେସନ୍ ତଥା କୌଣସି ପରିବର୍ତ୍ତନ ହୁଏ ସେତେବେଳେ ଶରୀରରେ କପର ମାତ୍ରା ମାତ୍ରାଧିକ ବଢ଼ିଯାଇଥାଏ। ଯାହାଫଳରେ କପର ଧୀରେ ଧୀରେ ଯକୃତ, ମସ୍ତିଷ୍କ, ଚକ୍ଷୁ ଏବଂ ଅନ୍ୟାନ୍ୟ ଅଙ୍ଗରେ ଜମା ହେବାକୁ ଲାଗେ। ଏହା ଦ୍ୱାରା ଗମ୍ଭୀର ସମସ୍ୟା ସୃଷ୍ଟି ହୋଇଥାଏ। ପୀଡ଼ିତଙ୍କଠାରେ ଥକ୍କାଲାଗିବା, ଭୋକ ନ ଲାଗିବା, ବାନ୍ତି, କାମଳ, ପେଟ ଜନିତ ସମସ୍ୟା, ପାଦ ଓ ପାଦ ଫୁଲିବା ଦେଖାଯାଏ। ହାତ ପାଦ ଥରିବାକୁ ଲାଗିବା, ବୋଲିବାରେ ସମସ୍ୟା, ଚିଡ଼ଚିଡ଼ ଆଦି ଲକ୍ଷଣ ଦେଖାଯାଏ। ତେଣୁ ଉପରୋକ୍ତ ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ। ପ୍ରାରମ୍ଭିକ ଅବସ୍ଥାରୁ ଡାକ୍ତରଙ୍କ ପରାମର୍ଶରେ ଔଷଧ ସେବନ କରାଯାଏ। ଏହା ସମୟ ସାପେକ୍ଷ। ପୀଡ଼ିତଙ୍କୁ ସାଧାରଣ ଜୀବନଯାପନ କରିବାକୁ ଦୀର୍ଘ ସମୟ ଧରି ଔଷଧ ଉପରେ ନିର୍ଭରଶୀଳ ରହିବାକୁ ପଡ଼ିଥାଏ।

ତାଳି ମାରିବାର ଉପକାରିତା

ସ୍ୱାସ୍ଥ୍ୟ ହିଁ ସମ୍ପଦ। ତେଣୁ ପ୍ରତିଦିନ ଯୋଗ, ବ୍ୟାୟାମ, ପ୍ରାଣାୟାମ, ସକାଳୁ ଚାଲିବା ସହିତ କିଛି ସମୟ ତାଳି ମାରିବା ଦ୍ୱାରା ଶରୀର ସୁସ୍ଥ ଓ ନିରୋଗ ରହିଥାଏ। ପ୍ରତ୍ୟହ ସକାଳୁ ଖାଲି ପେଟରେ ପାଞ୍ଚ ମିନିଟ୍ ପର୍ଯ୍ୟନ୍ତ ତାଳି ମାରିବା ଦ୍ୱାରା ଅନେକ ଶାରୀରିକ ଉପକାର ମଧ୍ୟ ମିଳିଥାଏ।

ତୁଳସୀ ଚରଣ ଦାଶ

ହାତ ପାପୁଲିରେ ଅନେକ ଆକ୍ୟୁପ୍ରେସର ପଏଣ୍ଟ ଥାଏ। ଯାହା ହୃଦୟ, ବୃକକ, ଫୁସ୍‌ଫୁସ୍, ଚକ୍ଷୁ ସହ ଜଡ଼ିତ। ତାଳି ବଜାଇଲେ ଉକ୍ତ ସମସ୍ତ ପଏଣ୍ଟକୁ ଏକା ସାଙ୍ଗରେ କାର୍ଯ୍ୟକ୍ଷମ କରିଥାଏ। ପ୍ରତ୍ୟହ ସକାଳୁ ତାଳିମାରିବା ଦ୍ୱାରା ଆକ୍ୟୁପ୍ରେସର ଭଳି କାମ କରିଥାଏ। ତାଳି ବଜେଇବା ଦ୍ୱାରା ରକ୍ତ ପ୍ରବାହ ଭଲ ହୁଏ।

ଦିନକୁ ୪ରୁ ୫ ମିନିଟ୍ ତାଳି ବଜାଇଲେ ହାଲୁକା କାର୍ଡିଓ ବ୍ୟାୟାମ ଭଳି ହୃଦୟ ସୁସ୍ଥ ରହିଥାଏ।

ଜୋର୍‌ରେ ତାଳି ବଜେଇଲେ ଫୁସ୍‌ଫୁସ୍ ସକ୍ରିୟ ହୁଏ, ଶ୍ୱାସର ବ୍ୟାୟାମ ହୁଏ। ଯୋଗରେ ଏହାକୁ 'କରତାଳି ଥେରାପି' ବା 'Clapping Therapy' କୁହାଯାଏ।

ତାଳି ମାରିବା ଦ୍ୱାରା ଆଙ୍ଗୁଠି ଓ ହାତପାପୁଲିର ମାଂସପେଶୀ ମଜବୁତ ହୁଏ, ବିଶେଷକରି ବୟସ୍କ ଲୋକଙ୍କ ପାଇଁ ଏହା ଏକ ଭଲ ବ୍ୟାୟାମ।

ତାଳିର ଶବ୍ଦ ଓ ଲୟ ମନକୁ ଶାନ୍ତ କରେ, ଚାପ କମିଥାଏ। ଏଣ୍ଡୋର୍ଫିନ ହରମୋନ୍ ବାହାରି ଶରୀରକୁ ସୁସ୍ଥ ରଖିଥାଏ। ସେହିପରି ଗୋଷ୍ଠୀରେ ତାଳି ବଜେଇଲେ ଖୁସିର ମାହୋଲ ସୃଷ୍ଟି ହୁଏ, ସକାରାତ୍ମକ ଶକ୍ତି ଆସିବା ସହ ଏକୁଟିଆପଣ ଦୂର ହୁଏ। ପିଲାଙ୍କ ପାଇଁ ତାଳି ଖେଳ ଧ୍ୟାନ ଓ ସମନ୍ୱୟ ବଢ଼ାଏ ଏବଂ ଏକାଗ୍ରତା ବୃଦ୍ଧି ପାଏ। ତେଣୁ ପ୍ରତ୍ୟହ ସକାଳେ ୫ମିନିଟ୍ ତାଳି ବଜେଇଲେ ସାରା ଶରୀରକୁ ଉପକାର ମିଳିଥାଏ। ଏହାକୁ 'ହସ୍ତତାଳି ଯୋଗ' ମଧ୍ୟ କୁହାଯାଏ।

ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଦୁଇ ହାତପାପୁଲିକୁ ସିଧା ରଖି ଆଙ୍ଗୁଠି- ଆଙ୍ଗୁଠି ଓ ହାତପାପୁଲି- ହାତପାପୁଲି ମିଳାଇ ପ୍ରତ୍ୟହ ସକାଳେ ୪ରୁ ୫ ମିନିଟ୍ ସାତଦିନ ପର୍ଯ୍ୟନ୍ତ ତାଳି ବଜାଇବେ। ପ୍ରଥମେ ଧୀରେ ଧୀରେ ତାପରେ ଜୋରରେ ମିନିଟ୍‌କୁ ୬୦- ୭୦ ଥର ପରେ ନିଜର ସ୍ୱାସ୍ଥ୍ୟ ଦେଖି ବଢ଼େଇ ପାରିବେ। ତାଳି ବଜେଇବା ବେଳେ ଗଭୀର ନିଃଶ୍ୱାସ ନିଅନ୍ତୁ ଓ ଛାଡ଼ନ୍ତୁ। ତାଳି ବଜାଇବା ପୂର୍ବରୁ ହାତରେ ଘିଅ କିମ୍ବା ତେଲ ଲଗାଇ ଏହି ବ୍ୟାୟାମ କଲେ ଉତ୍ତମ ଫଳ ମିଳିଥାଏ। ଗଣ୍ଠି ବାତ ବା ହାତ ପାପୁଲିରେ ଆଘାତ ଥିଲେ ନିଜର ସ୍ୱାସ୍ଥ୍ୟ ଦେଖି ଏହି ବ୍ୟାୟାମ କରିବା ଆବଶ୍ୟକ।

- ବରଗଡ଼

ଘର ବଇଦ

ହୃଦ୍‌ରୋଗର ଉପଚାର

ଅର୍ଜୁନଛାଲି ଚୂର ତୋଳା, ଗାଈକ୍ଷୀର ୧୬ ତୋଳା, ପାଣି ୬୪ ତୋଳା ଏକତ୍ର ମାଟି ହାଣ୍ଡିରେ ସିଝାଇ ଅବଶେଷ ୧୬ ତୋଳା ରହିଲେ ଛାଣି ପିଇଲେ ହୃଦ୍‌ରୋଗ ଭଲ ହୁଏ।

ଘୃତ ଅଥବା କ୍ଷୀର ଅଥବା ଗୁଡ଼ପଣା ସହିତ ଅର୍ଜୁନ ଛାଲିର ଚୂର୍ଣ୍ଣ ଉପଯୁକ୍ତ ମାତ୍ରାରେ ସେବନ କଲେ ହୃଦ୍‌ରୋଗ, ଜୀର୍ଣ୍ଣଜ୍ୱର, ରକ୍ତପିତ୍ତ ପ୍ରଭୃତି ଶାନ୍ତ ହୁଏ ଏବଂ ରୋଗୀ ଦୀର୍ଘଜୀବୀ ହୁଏ।

ପୁଷ୍କର ମୂଳ (ଅଭାବେ କୁଡ଼) ଚୂର୍ଣ୍ଣ ମହୁ ସହିତ ଖାଇଲେ ହୃଦୟ ଶୂଳ, ଶ୍ୱାସ, କାଶ, କ୍ଷୟ ଓ ହିକ୍କା ଶାନ୍ତ ହୁଏ।

ତେଲ, ଘୃତ ଓ ଗୁଡ଼ ଏ ସମସ୍ତିର ସମଭାଗ ଅର୍ଜୁନ ଛାଲିର ଚୂର୍ଣ୍ଣ କ୍ଷୀର ସହିତ ସାମାନ୍ୟ ଗରମ କରି ପାନ କଲେ ସକଳ ପ୍ରକାର ହୃଦ୍‌ରୋଗ ଶାନ୍ତ ହୁଏ।

ଅଜରକରା ଚୂର୍ଣ୍ଣ ଓ ଅର୍ଜୁନ ଛାଲି ଚୂର୍ଣ୍ଣ ସମଭାଗ ଏକତ୍ର କରି ରଖିବେ। ସକାଳ ଓ ସନ୍ଧ୍ୟାରେ ଦୁଇ ଅଣି ଓଜନ ଚୂର୍ଣ୍ଣ ଉଷୁମ ଗାଈ କ୍ଷୀରରେ ଖାଇଲେ ହୃଦୟକମ୍ପନ ଓ ପୀଡ଼ା ନାଶ ହୁଏ। ହୃଦୟକମ୍ପନ ଯୋଗ ଥିଲେ ଉପରୋକ୍ତ ଚୂର୍ଣ୍ଣରେ ବଚ ଓ ଶୁଣ୍ଠିର କ୍ୱାଥ ଖାଇବେ।

(ଲକ୍ଷ୍ମଣ ମିଶ୍ରଙ୍କ ଦ୍ୱାରା ଲିଖିତ ପୁସ୍ତକରୁ ଉଦ୍ଧୃତ)

ଶରୀରକୁ ଥଣ୍ଡା ରଖେ

ବେଲ ପଣା

ବର୍ତ୍ତମାନ ତାପମାତ୍ରା ବୃଦ୍ଧି ଯୋଗୁଁ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟା ଯେପରିକି ଡିହାଇଡ୍ରେସନ୍, ହିଟ୍ ଷ୍ଟ୍ରୋକ୍, ଖାଦ୍ୟ ବିଷାକ୍ତ, ପାଚନତନ୍ତ୍ର ସମସ୍ୟା ଆଦି ଦେଖାଯାଉଛି। ତେଣୁ ଶରୀରକୁ ଥଣ୍ଡା ରଖିବା ସହ ଜଳୀୟ ଅଂଶ ବୃଦ୍ଧି ପାଇଁ ବେଲ ପଣା ପିଇବା ସବୁଠୁ ଫଳପ୍ରଦ। ବେଲରେ ପ୍ରୋଟିନ୍, ଭିଟାମିନ୍, କ୍ୟାଲସିୟମ୍, ଫସ୍‌ଫରସ୍ ଆଦି ପୋଷକତତ୍ତ୍ୱ ରହିଥାଏ। ତେଣୁ ବେଲ ପଣା ପିଇବା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହିତକର।

- ବେଲ ପଣା ପିଇବା ଦ୍ୱାରା ପେଟ ସମ୍ବନ୍ଧୀୟ ସମସ୍ୟା ତଥା ଗ୍ୟାସ୍, କୋଷ୍ଠକାଠିନ୍ୟରୁ ଆରାମ ମିଳିଥାଏ। ଏହି ପଣା ପେଟକୁ ଥଣ୍ଡା ରଖିଥାଏ।
- ଖରାଦିନେ ଅଧିକାଂଶ ଲୋକ ଲୁ' ବା ଗ୍ରୀଷ୍ମ ପ୍ରବାହର ଶିକାର ହୁଅନ୍ତି। ନିୟମିତ ବେଲ ପଣା ପିଇବା ଦ୍ୱାରା ଶରୀରରେ ଜଳୀୟଅଂଶ ସନ୍ତୁଳିତ ରହିବା ସହିତ ଲୁ'ରୁ ସୁରକ୍ଷା ମିଳେ। ବେଲରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ମାତ୍ରାରେ ମିଳୁଥିବାରୁ ଏହା ଖରାପ କୋଲେଷ୍ଟ୍ରଲ୍‌କୁ କମ୍ କରିଥାଏ। ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରେ। ବେଲ ପଣା ପିଇବା ଦ୍ୱାରା ଶରୀରକୁ ଶକ୍ତି ମିଳିବା ସହ ରକ୍ତ ବୃଦ୍ଧି ହୁଏ। ପେଡ଼ା ବେଲ ପଣା ପିଇବା ସ୍ୱାସ୍ଥ୍ୟ ପକ୍ଷେ ହିତକର। ପଣାରେ ଚିନି ବଦଳରେ ଗୁଡ଼ ମିଶାଇ ପିଇ ପାରିବେ। ପାଚିଲା ବେଲ ପଣା ମାତ୍ରା ଅନୁସାରେ ପିଇବା ଆବଶ୍ୟକ।



ଉତ୍କଳ ସମାଚାର

ସମ୍ପାଦକୀୟ...
ରବିବାର ୩ ମେ ୨୦୨୬

ବିପଦ ଗଳି

ଜଣେ ନାଗରିକ ଯଦି ଏକ ଜାତୀୟ ରାଜପଥର କୌଣସି ଏକ ଅଂଶକୁ ଯାତାୟାତ ପାଇଁ ବିପଜ୍ଜନକ ବୋଲି ବିଚାର କରେ, ସେ ବର୍ତ୍ତମାନ ସଂବିଧାନର ଧାରା-୨୧ ତାଙ୍କୁ ପ୍ରଦାନ କରିଥିବା ବଞ୍ଚିବା ପାଇଁ ମୌଳିକ ଅଧିକାରକୁ ଭିତି କରି ସେଥିରେ ଉନ୍ନତି ସାଧନ ନିମିଲ ଅଦାଲତଙ୍କ ଦ୍ୱାରସ୍ଥ ହୋଇପାରିବ । ସେତିକି ନୁହେଁ, ଏହାକୁ ଆଧାର କରି ରାଷ୍ଟ୍ର ଯୋଗାଉଥିବା ଅନ୍ୟାନ୍ୟ ସାର୍ବଜନୀନ ସୁବିଧାମାନଙ୍କ ପ୍ରତି ମଧ୍ୟ ଧାରା-୨୧ ଲାଗୁ କରାଯିବା ପାଇଁ ନାଗରିକମାନେ ଦାବି କରିପାରନ୍ତି । ଭାରତର ରାଜପଥମାନ ପୃଥିବୀର ସର୍ବାଧିକ ବିପଜ୍ଜନକ ରୂପେ କୁଖ୍ୟାତ । 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ' ଦ୍ୱାରା ପ୍ରକାଶିତ ପୃଥିବୀରେ ସଡ଼କ ନିରାପତା ସଂପର୍କିତ ସର୍ବଶେଷ ରିପୋର୍ଟ ('ଗ୍ଲୋବାଲ ଷ୍ଟାଟସ ରିପୋର୍ଟ ଅନ ରୋଡ ସେଫ୍ଟି, ୨୦୨୩') ଅନୁସାରେ ଭାରତରେ ସରକାରୀ ସୂତ୍ରରୁ ସଡ଼କ ଦୁର୍ଘଟଣା ଯୋଗୁଁ ଦେଶରେ ଯେତିକି ସଂଖ୍ୟକ ପ୍ରାଣହାନି ଘଟୁଥିବା ପ୍ରକାଶ ପାଇଥାଏ, ବାସ୍ତବରେ ମୃତ୍ୟୁ ସଂଖ୍ୟା ତା'ଠାରୁ ବହୁ ଅଧିକ ହୋଇଥାଏ । ଉଦାହରଣ ସ୍ୱରୂପ ସେ ବର୍ଷ ଦେଶରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ୧,୫୩,୯୭୨ ହୋଇଥିଲା ବୋଲି ସରକାରୀ ପରିସଂଖ୍ୟାନ ପ୍ରଦର୍ତ୍ତ ହୋଇଥିବା ବେଳେ, ପ୍ରକୃତରେ ସେଇ ସଂଖ୍ୟା ଏହାଠାରୁ ଅନ୍ତତଃ ୬୨,୦୦୦ ଅଧିକ ବୋଲି 'ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ' ରିପୋର୍ଟରେ କୁହାଯାଇଥିଲା । ଘୋର ଚିନ୍ତାଜନକ ଭାବରେ ଦୁର୍ଘଟଣା ଯୋଗୁଁ ଆହତ ହୋଇଥିବା ଲୋକମାନଙ୍କର ସଂଖ୍ୟା ଏହାର ପ୍ରାୟ ୫୦ ଗୁଣ ବୋଲି ସେଇ ରିପୋର୍ଟରେ ପ୍ରକାଶ ପାଇଥିଲା । ଭାରତର ସଡ଼କମାନଙ୍କରେ ସୃଷ୍ଟି ହେଉଥିବା ମାନବୀୟ ଦୁର୍ଦ୍ଦଶା ଯେ କେବଳ ମାତ୍ର ଏଇ ମୃତାହତ ପରିସଂଖ୍ୟାନରେ ସୀମିତ ନୁହେଁ, ତାହା ବୁଝାଇବାକୁ ଚେଷ୍ଟା କରିବା ଧୃଷ୍ଟତା ମାତ୍ର । ଏଥିଯୋଗୁଁ ଜୀବିକାର୍ଜନ ବନ୍ଦ ହୋଇଯାଇ କିମ୍ବା ଗୁରୁତର ଭାବରେ ବାଧାପ୍ରାପ୍ତ ହୋଇ ସଂପୃକ୍ତ ପରିବାରମାନଙ୍କର ଅର୍ଥନୀତିକୁ ଯେଉଁଭଳି ଦୋହଲାଇ ଦେଇଥାଏ, ପରବର୍ତ୍ତୀ ସମୟରେ ବିଶାଳ ଚିକିତ୍ସା ଖର୍ଚ୍ଚ ତା' ପାଇଁ ବୋଝ ଉପରେ ନଳିତାବିଡ଼ା ସଦୃଶ କାର୍ଯ୍ୟ କରିଥାଏ । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ କେତେକ ପରିବାର ଏଥିଯୋଗୁଁ ପୂରାପୂରି ଉଜୁଡ଼ି ଯାଇଥାନ୍ତି । ଭାରତରେ ବ୍ୟାପକ ସଡ଼କ ଦୁର୍ଘଟଣାମାନ ନାଗରିକମାନଙ୍କର ଜୀବନ ପ୍ରତି ସୃଷ୍ଟି କରୁଥିବା ଏହି ବିପଦର ଗୁରୁତ୍ୱକୁ ହୃଦୟଙ୍ଗମ କରି ନିକଟ ଅତୀତରେ ସୁପ୍ରିମ୍ କୋର୍ଟ ଏହାକୁ ସଂବିଧାନର ଧାରା-୨୧ ଅନ୍ତର୍ଗତ 'ବଁ‌ିବା ପାଇଁ ଅଧିକାର' ନାମକ ମେ ?ଳିକ ଅଧିକାରର ଉଲ୍ଲଂଘନ ରୂପେ ଘୋଷଣା କରିବା ଦେଖାଯାଇଛି । ଏବେ ୧୮ ଏପ୍ରିଲରେ ମାନ୍ୟବର ସର୍ବୋଚ୍ଚ ଅଦାଲତ ଏଇ ଗୁରୁତର ବ୍ୟାପାରରେ ତାଙ୍କର ହସ୍ତକ୍ଷେପକୁ ଏଇ ଘୋଷଣାରେ ସୀମିତ ନ ରଖି, ନାଗରିକମାନଙ୍କର ଏଇ ସର୍ବା ?ଧିକ ମେ ?ଳିକ ଅଧିକାରକୁ ସୁରକ୍ଷିତ ରଖିବା ନିମିନ୍ତ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ଗ୍ରହଣ କରିବା ଲାଗି ସଂପୃକ୍ତ କର୍ତ୍ତୃପକ୍ଷମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗତ ବର୍ଷ ରାଜସ୍ଥାନର ଫାଲୋଦି ଓ ତେଲେଙ୍ଗାନାର ରଙ୍ଗାରେଡ୍ ?ଡି ଜିଲ୍ଲାରେ ଘଟିଥିବା ଦୁଇଟି ସଡ଼କ ଦୁର୍ଘଟଣାରେ ୩୪ ଜଣଙ୍କର ପ୍ରାଣହାନି ସର୍ବୋଚ୍ଚ ଅଦାଲତଙ୍କୁ ସ୍ୱତଃପ୍ରବୃତ୍ତ ଭାବରେ ଯେଉଁ ସମସ୍ତ କର୍ତ୍ତୃପକ୍ଷମାନଙ୍କ ଉଦ୍ଦେଶ୍ୟରେ ଏଇ ନିର୍ଦ୍ଦେଶାବଳୀ ଜାରି କରିବାକୁ ସଦ୍ୟତମ କାରଣ ରୂପେ କାର୍ଯ୍ୟ କରିଛି, ସେଥିରେ ଅନ୍ତର୍ଭୁକ୍ତ ଅଛନ୍ତି: କେନ୍ଦ୍ର ସରକାରଙ୍କର ସଡ଼କ ପରିବହନ ମନ୍ତ୍ରଣାଳୟ, ଭାରତର ଜାତୀୟ ରାଜପଥ ପ୍ରାଧିକରଣ ('ଏନ୍ଏଚ୍ଏଆଇ'), ଜାତୀୟ ରାଜପଥ ଓ ଭିତ୍ତିଭୂମି ବିକାଶ ନିଗମ ('ଏନ୍ଏଚ୍ଆଇଡିସିଏଲ୍'), ରାଜ୍ୟ 'ପିଡବ୍ଲ୍ୟୁଡି' ବିଭାଗମାନ ଓ ସୀମା ସଡ଼କ ସଂଗଠନ ('ବିଆର୍ଓ') । ମାନ୍ୟବର ସର୍ବୋଚ୍ଚ ଅଦାଲତ ଏମାନଙ୍କୁ ଯେଉଁ ସମସ୍ତ ନିର୍ଦ୍ଦେଶ ପାଳନ କରିବାକୁ କହିଛନ୍ତି, ତାହା ନିମ୍ନୋକ୍ତ ଭଳି । କେବଳ ନିର୍ଦ୍ଧାରିତ ପାର୍କିଙ୍ଗ୍ ସ୍ଥଳ ବ୍ୟତୀତ ବାଣିଜ୍ୟିକ କିମ୍ବା ଭାରୀ ଯାନମାନ ରାଜପଥର ଯେ କୌଣସି ସ୍ଥାନରେ ପାର୍କିଙ୍ଗ୍ କରିପାରିବେ ନାହିଁ କିମ୍ବା ଛିଡ଼ା ହୋଇପାରିବେ ନାହିଁ; ଉପରୋକ୍ତ କର୍ତ୍ତୃପକ୍ଷମାନେ ତିରିଶ ଦିନ ମଧ୍ୟରେ ନିର୍ଦ୍ଦିଷ୍ଟ ରାଜପଥ ଅଂଶମାନଙ୍କରେ ଏହି ନିର୍ଦ୍ଦେଶ ଅନୁପାଳନ ନିଶ୍ଚିତ କରିବା ପାଇଁ ନିରୀକ୍ଷଣ ଟିମ୍‌ମାନ ଗଠନ କରି ସେ ସଂପର୍କରେ ରିପୋର୍ଟ ଦାଖଲ କରିବେ; ଯେ କୌଣସି ଜାତୀୟ ରାଜପଥର 'ରାଇଟ୍ ଅଫ୍ ୱେ' ('ଆରଓଡବ୍ଲ୍ୟୁ') ବା ଅବାଧ ଯାତାୟାତ ଇଲାକାରେ ସମସ୍ତ ପ୍ରକାର ନୂତନ ଢାବା, ଭୋଜନାଳୟ କିମ୍ବା ଦୋକାନ ଆଦି ନିର୍ମାଣ ନିଷିଦ୍ଧ କରାଯିବ, ଯାହା ତତ୍କ୍ଷଣାତ ବଳବତର ହେବ; ରାଜପଥ ନିରାପତା ଜୋନ୍ ମଧ୍ୟରେ କୌଣସି କର୍ତ୍ତୃପକ୍ଷ କୌଣସି ପ୍ରକାର ବ୍ୟବସାୟ କାରବାର ପାଇଁ ଅନୁମତି ପତ୍ର ପ୍ରଦାନ କରିପାରିବେ ନାହିଁ କିମ୍ବା ନବୀକରଣ କରିପାରିବେ ନାହିଁ ଓ ସମସ୍ତ ଉପସ୍ଥିତ ଅନୁମତି ପତ୍ରର ତିରିଶ ଦିନ ମଧ୍ୟରେ ସମୀକ୍ଷା କରାଯିବ; ସଂପୃକ୍ତ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥମାନଙ୍କର ଅଂଶମାନଙ୍କ ପାଇଁ ସଂପୃକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍‌ମାନେ ନିରାପତା ନିଶ୍ଚିତ କରିବା ପାଇଁ ପନ୍ଦର ଦିନ ମଧ୍ୟରେ ଜିଲ୍ଲା ରାଜପଥ ନିରାପତା ଟାସ୍କଫୋର୍ସମାନ ଗଠନ କରିବେ; ରାଜ୍ୟ ପୁଲିସ ଓ ପରିବହନ ବିଭାଗମାନ ତିରିଶ ଦିନ ମଧ୍ୟରେ ନିର୍ଦ୍ଦିଷ୍ଟ ରାଜପଥ ପଇଁତରା ଟିମ୍‌ମାନ ଗଠନ କରିବେ; ସଂପୃକ୍ତ କର୍ତ୍ତୃପକ୍ଷ ପ୍ରତି ୭୫ କିମି ଦୂରତାରେ ଟ୍ରକ୍‌ମାନଙ୍କ ପାଇଁ ରହଣି ସ୍ଥଳୀମାନ ନିର୍ମାଣ କରିବେ; ଏବଂ ଏଇଭଳି ଆହୁରି ଅନେକ କଠୋର ନିର୍ଦ୍ଦେଶାବଳୀ । ସୁପ୍ରିମ୍ କୋର୍ଟ ଜାତୀୟ ରାଜପଥମାନଙ୍କୁ ବିପଦମୁକ୍ତ କରିବା ଉଦ୍ଦେଶ୍ୟରେ ଏଇ ସମସ୍ତ କଠୋର ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ପ୍ରଦାନ କରିବା ଅବସରରେ ମନେ ପକାଇ ଦେବାକୁ ଭୁଲି ନାହାନ୍ତି ଯେ ଭାରତର ମୋଟ ସଡ଼କ ପଥ ନେଟ୍‌ୱର୍କରେ ଜାତୀୟ ରାଜପଥମାନଙ୍କର ଅଂଶ ମାତ୍ର ଦୁଇ ଶତାଂଶ ହୋଇଥିବା ବେଳେ, ଦେଶରେ ମୋଟ ଯେତିକି ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଥାଏ, ତା'ର ୩୦ ଶତାଂଶ ଘଟିଥାଏ ଜାତୀୟ ରାଜପଥମାନଙ୍କରେ । ଏହା ନିଶ୍ଚିତ ରୂପେ ଉଦ୍‌ବେଗଜନକ ଓ ଜାତୀୟ ରାଜପଥମାନଙ୍କରେ ଗମନାଗମନକୁ ବିପଦମୁକ୍ତ କରିବାର ଜରୁରି ଆବଶ୍ୟକତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିଥାଏ । ଏହାକୁ ସ୍ପଷ୍ଟ କରିବା ପାଇଁ ସୁପ୍ରିମ୍ କୋର୍ଟ ତାଙ୍କର ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି ଯେ ପ୍ରଶାସନିକ ଆଳସ୍ୟ ଓ ଭିତ୍ତିଭୂମି ଶୂନ୍ୟତା ଯୋଗୁଁ ଏକ ଏକ୍ସପ୍ରେସ୍ ୱେକୁ ଏକ ବିପଦର ଗଳିରେ ପରିଣତ କରି ଦିଆଯାଇ ପାରିବ ନାହିଁ । ଅବୈଧ ପାର୍କିଙ୍ଗ୍ ଆଦି ଯୋଗୁଁ ଗୋଟିଏ ବି ପ୍ରାଣହାନି ଘଟିବା ହେଉଛି ନାଗରିକକୁ ସୁରକ୍ଷା ପ୍ରଦାନରେ ରାଷ୍ଟ୍ରର ବିଫଳତାର ସୂଚକ ବୋଲି ଅଦାଲତ ମତ ପ୍ରକାଶ କରିଛନ୍ତି ।

ଇରାନର ଅନ୍ଧଗଳିରେ ଆମେରିକା

ତୈଳ ସମ୍ପତ୍ତିରେ ଭରପୂର ଆରବ ଉପସାଗରୀୟ ଦେଶମାନେ ଆମେରିକାର ସୁରକ୍ଷା ବଳୟ ଭିତରେ ରହି ନିଜକୁ ସୁରକ୍ଷିତ ମନେ କରୁଥିଲେ । ଏ ଦେଶମାନଙ୍କରେ ଇରାନର ଆକ୍ରମଣ ଏହି ବିଶ୍ୱାସକୁ ଭଙ୍ଗ କରିଦେଲା । ଏହି ଇରାନ ଯୁଦ୍ଧ ଆମେରିକାର ଆଧିପତ୍ୟର ନିମ୍ନଗତିର ସୂଚନା ଦିଏ ଏବଂ ଇରାନ ଏକ ଆଂଚଳିକ ମହାଶକ୍ତି ଭାବରେ ଉଭା ହୋଇଛି ମନେହୁଏ । ଯାହାହେଉ, ଶାନ୍ତି ଓ ଆଲୋଚନା ମାଧ୍ୟମରେ ସମାଧାନର ବାଟ ଖୋଜାଯିବା ଉଚିତ । ଏହା ହିଁ ଏକମାତ୍ର ବାଟ । ଏ ପ୍ରବନ୍ଧ ଲେଖିଲା ବେଳକୁ ଆମେରିକା-ଇରାନ ଶାନ୍ତିବାର୍ତ୍ତା ଆୟୋଜିତ ହୋଇପାରିଲା ନାହିଁ ଏବଂ ରାଷ୍ଟ୍ରପତି ଟ୍ରମ୍ପ ଅନିର୍ଦ୍ଦିଷ୍ଟ କାଳ ପାଇଁ ଯୁଦ୍ଧବିରତି ଘୋଷଣା କଲେ । ଏ ପ୍ରବନ୍ଧରେ ଏହି ବିଷୟରେ ଅଳ୍ପ ଆଲୋଚନା କରିବା । ମଧ୍ୟପ୍ରାଚ୍ୟର ଏକ ଜଟିଳ ଓ ରକ୍ତାକ୍ତ ଇତିହାସ ଅଛି । ମୋଟାମୋଟି ଇସ୍ରାଏଲ ଓ ପାଲେଷ୍ଟାଇନ ନାମକ ଦୁଇ ଦେଶର ଅବସ୍ଥିତି ଓ ତାଙ୍କ ଆନ୍ତର୍ଜାତିକ ସ୍ୱୀକୃତିକୁ ନେଇ । ଇସ୍ରାଏଲ ପାଲେଷ୍ଟାଇନକୁ ସ୍ୱୀକାର କରେନାହିଁ । ଯଦିଓ ମୂଳ ପାଲେଷ୍ଟାଇନ ସଂସ୍ଥା ପାଲେଷ୍ଟାଇନ ଲିବରେସନ ଅର୍ଗାନାଇଜେସନ୍ (ପିଏଲଓ) ଇସ୍ରାଏଲର ଅସ୍ତିତ୍ୱକୁ ସ୍ୱୀକାର କରେ, ହାମାସ ନାମକ ଚରମପନ୍ଥୀ ପାଲେଷ୍ଟିନୀୟ ସଂଗଠନ ଇସ୍ରାଏଲର ଅସ୍ତିତ୍ୱକୁ ସ୍ୱୀକାର କରେନାହିଁ । ମିଶର, ଜର୍ଡାନ ଭଳି ଆରବ ଦେଶମାନେ ଇସ୍ରାଏଲ ସହ ଯୁଦ୍ଧ କଲା ପରେ ଇସ୍ରାଏଲ ସହିତ ବନ୍ଧୁତ୍ୱ ସ୍ଥାପନ କରିଛନ୍ତି । ଏଣୁ ମୂଳ ସମସ୍ୟା ଆରବ ଇସ୍ରାଏଲ-ପାଲେଷ୍ଟାଇନ ନେଇ । ଇରାନ (ପୂର୍ବତନ ପାରସ୍ୟ) ଆରବ ଦେଶ ନୁହେଁ, ଇରାନ ଇସ୍ରାଏଲର ଅସ୍ତିତ୍ୱକୁ ସ୍ୱୀକାର କରେନାହିଁ । ଅଧିକାଂଶ ଆରବ ଦେଶ ସୁନ୍ନି ମୁସଲିମ ବହୁଳ । ଇରାନ ଶିଆ ବହୁଳ । ଆରବ ଇସ୍ରାଏଲ ସନ୍ଧି ପରେ ଇରାନ ନିଜକୁ ପ୍ରମୁଖ ଇସ୍ରାଏଲ ବିରୋଧୀ ଶକ୍ତି ମନେକରେ । ହାମାସ୍, ହିଜବୁଲ୍ଲା, ହୁନି ଭଳି ସଶସ୍ତ୍ର ସଂଗଠନ ସବୁ ଇରାନ ଦ୍ୱାରା ତିଆରି ଏବଂ ଇରାନର ସାହାଯ୍ୟ ଓ ସମର୍ଥନରେ ପରିପୁଷ୍ଟ ବୋଲି ଧରାଯାଏ । ୨୦୨୩ ମସିହାରେ ହାମାସ ଆକସ୍ମିକ ଭାବେ ଇସ୍ରାଏଲ ଉପରେ ଆକ୍ରମଣ କଲା । ଉନ୍ତରରେ ଇସ୍ରାଏଲ ହାମାସର ଅଧିକାର କ୍ଷେତ୍ର ଗାଜା ଉପରେ ପ୍ରବଳ ଆକ୍ରମଣ କଲା ଏବଂ ଧ୍ୱଂସଲୀଳା ଜାରି ରଖିଲା । ଆରବ-ଇସ୍ରାଏଲ ଲଢ଼େଇରେ ଇରାନ ଦୂରେଇ ରହୁଥିଲା । ୧୯୭୯ ମସିହାର ଇସଲାମିକ ବିପ୍ଳବ ପୂର୍ବରୁ ଇରାନର ଶାହାଙ୍କ ଶାସନ କାଳରେ ଇରାନ ସହିତ ଆମେରିକାର ମଧୁର ସମ୍ପର୍କ ଥିଲା । ୧୯୭୯ ମସିହା ପରଠୁଁ ଆୟାତୋଲା ଖୋମେନିଙ୍କ ନେତୃତ୍ୱରେ ଇରାନ ରୂଢ଼ିବାଦୀ ଇସଲାମପନ୍ଥୀ ଏବଂ ଆମେରିକା ବିରୋଧୀ ନୀତି ଆପଣେଇଲା । ସମୟକ୍ରମେ ଗୋଟିଏ ପଟେ ଦେଶ ହାତରେ ପ୍ରତିବାଦର ସ୍ୱର ଉଠିବାକୁ ଲାଗିଲା ଏବଂ ଅନ୍ୟପଟେ ଇରାନର ଆମେରିକା ସହିତ ସମ୍ପର୍କ ତିକ୍ତ ହେବାକୁ ଲାଗିଲା । ବିଭିନ୍ନ ଆଳରେ ଆମେରିକା ୧୯୭୯ ପରଠୁଁ ଇରାନ ଉପରେ କଟକଣା ସବୁ ଲାଗୁ କରି ରଖିଥିଲା । ଇରାନ ଆଣବିକ ବୋମା ତିଆରି କରୁଛି ବୋଲି ସନ୍ଦେହ କରାଯାଉଥିଲା । ୨୦୨୫ ମସିହାରେ ଆମେରିକା ଇରାନ ଉପରେ ବଡ଼ଧରଣର ଆକ୍ରମଣ କରିଥିଲା । ସେ ସମୟରେ କୁହାଯାଉଥିଲା ଯେ, ଆମେରିକା ଓ ଇରାନ ମଧ୍ୟରେ ବୁଝାମଣାର ବାଟ ବାହାରୁଛି । ଆମେରିକା ତରଫରୁ ଇରାନର ଆଣବିକ କେନ୍ଦ୍ରମାନଙ୍କ ଉପରେ ବୋମା ବର୍ଷଣ ହେଲା । ଇରାନର ଅଣୁବୋମା ଧ୍ୱଂସ ହେଲା କି ନାହିଁ ଜଣାପଡ଼ିଲା ନାହିଁ । ଏ ପାଳିରେ ୨୮ ଫେବ୍ରୁଆରୀ ୨୦୨୬ ତାରିଖ ଦିନ ଆମେରିକା ଓ ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଭୀଷଣ ଆକ୍ରମଣ ଆରମ୍ଭ କଲେ । ଆୟାତୋଲ୍ଲା ଅଲି ଖାମେନେଇ ସମେତ ଶୀର୍ଷ ଇରାନୀୟ ନେତୃତ୍ୱ ପ୍ରାଣ ହରାଇଲେ । ଏହି ଆକ୍ରମଣର ସ୍ପଷ୍ଟ କାରଣ ଜଣାପଡୁନାହିଁ । ମୋଟାମୋଟି ଜଣାପଡ଼େ, ଇସ୍ରାଏଲର ପ୍ରଧାନମନ୍ତ୍ରୀ ନେତନ୍ୟାହୁଙ୍କ ପ୍ରରୋଚନା କ୍ରମେ ଆମେରିକା ଇରାନ ଉପରେ ଆକ୍ରମଣ କଲା । ନିର୍ବାଚନ ପ୍ରଚାର ସମୟରେ ଟ୍ରମ୍ପ କହିଥିଲେ ତାଙ୍କ ରାଷ୍ଟ୍ରପତିତ୍ୱରେ ଆମେରିକା ଅନ୍ୟ ଦେଶରେ ସାମରିକ ହସ୍ତକ୍ଷେପ କରିବ ନାହିଁ । ବରଂ ପୃଥିବୀରେ ଶାନ୍ତି ପ୍ରତିଷ୍ଠା ପାଇଁ ଚେଷ୍ଟା କରିବ । ହେଲେ ଭେନେଜୁଏଲାର ରାଷ୍ଟ୍ରପତି ଏବଂ ତାଙ୍କ ଧର୍ମପତ୍ନୀଙ୍କୁ ଉଠାଇ ଆଣି ବନ୍ଦୀ କରି ରଖିଛନ୍ତି । ଏପଟେ ଇରାନ ଉପରେ ଆକ୍ରମଣ ! ଇସ୍ରାଏଲର ନିଜସ୍ୱ ସମସ୍ୟା ଅଛି । ନେତନ୍ୟାହୁ କଷ୍ଟେମଷ୍ଟେ ଏକ ମିଳିତ ସାମ୍ମୁଖ୍ୟ ମନ୍ତ୍ରିମଣ୍ଡଳର ନେତୃତ୍ୱ ବହନ କରୁଛନ୍ତି । ତାଙ୍କ ବିରୁଦ୍ଧରେ ଗୁରୁତର ଦୁର୍ନୀତି ଅଭିଯୋଗ ଅଛି । ସେ ଦେଶର ନ୍ୟାୟବ୍ୟବସ୍ଥାର ସ୍ୱାତନ୍ତ୍ର୍ୟ ସମାପ୍ତ କରିବାକୁ ଚେଷ୍ଟା କରୁଛନ୍ତି । ଯୁଦ୍ଧ ଜାରି ରହିଲେ ଦେଶ ଏକଜୁଟ ହୋଇ ଶତ୍ରୁର ମୁକାବିଲା କରିବ । ଏପଟେ ଇରାନର ଆୟାତୋଲ୍ଲା ଓ ରୂଢ଼ିବାଦୀ ଶାସନ ବ୍ୟବସ୍ଥା ବିରୁଦ୍ଧରେ ଜନଅସନ୍ତୋଷ ଥିଲା । ଆମେରିକା ଓ ଇସ୍ରାଏଲ ମିଶି ଆକଳନ କରିଥିଲେ ଏତେ ଦିନର କଟକଣା, ୨୦୨୫ ମସିହାର ଆକ୍ରମଣ, ଆଭ୍ୟନ୍ତରୀଣ ଜନଅସନ୍ତୋଷ ଆଦି ଯୋଗୁଁ ୨/୩ ଦିନ ଭିରେ, ଅତି ବେଶିରେ ଏକ ସପ୍ତାହ ଭିତରେ ଇରାନ ଭାଙ୍ଗିପଡ଼ିବ । ସତା ପରିବର୍ତ୍ତନ ହେବ ଏବଂ ଇରାନ ସୈନ୍ୟ ଆତ୍ମସମର୍ପଣ କରିବେ । ସେମିତି କିଛି ହେଲାନାହିଁ । ଇରାନ ସବୁପ୍ରକାର କ୍ଷୟକ୍ଷତି ସତ୍ତ୍ୱେ ଦୃଢ଼ତାର ସହ ମୁକାବିଲା କଲା, ପଡ଼ୋଶୀ ଦେଶରେ ଥିବା ଆମେରିକୀୟ ଠିକଣା, ଇସ୍ରାଏଲ ଆଦି ଉପରେ ସଫଳତାର ସହ ଆକ୍ରମଣ କଲା, ହୋର୍ମୁଜ ପ୍ରଣାଳୀ ଉପରେ ଅବରୋଧ କରି ଆନ୍ତର୍ଜାତିକ ସ୍ତରରେ ତୈଳ ସଂକଟ ସୃଷ୍ଟି କଲା, ଦେଶ ଭିତରେ ଲୋକେ ଏକଜୁଟ ହୋଇଗଲେ । ଅଣୁ ଅସ୍ତ୍ର ଛଡ଼ା ଆମେରିକା ତା'ର ସବୁପ୍ରକାର ଶକ୍ତି ପ୍ରୟୋଗ କରିସାରିଛି । ଇରାନ ହାରୁନାହିଁ । ବର୍ତ୍ତମାନ ଆମେରିକା ଏକ ସମ୍ମାନଜନକ ପ୍ରସ୍ଥାନ ପଥ ଖୋଜୁଛି । ଆଶ୍ଚର୍ଯ୍ୟର କଥା ହେଲା, ପାକିସ୍ତାନ ଆମେରିକା ଓ ଇରାନ ମଧ୍ୟରେ ବୁଝାମଣା ପାଇଁ ଚେଷ୍ଟା କରୁଛି । ଆହୁରି ଆଶ୍ଚର୍ଯ୍ୟର କଥା ହେଲା, ପ୍ରଧାନମନ୍ତ୍ରୀ ଶାହାବାଜ ସରିଫ ବ୍ୟତୀତ ପାକିସ୍ତାନର ସେନାମୁଖ୍ୟ ଆସୀମ ମୁନୀରଙ୍କ ପ୍ରମୁଖ ଭୂମିକା ! ସାମରିକ ପୋଷାକ ପରିଧାନ କରି ମୁନୀର ଏସବୁ ଶାନ୍ତି ବାର୍ତ୍ତାରେ ଅଂଶଗ୍ରହଣ କରୁଥିବା ଦେଖାଯାଇଛି । ବିଡ଼ମ୍ବନା ଦେଖନ୍ତୁ, ପାକିସ୍ତାନ ଇସ୍ରାଏଲ ଅସ୍ତିତ୍ୱକୁ ସ୍ୱୀକାର କରେନାହିଁ । ତଥାପି, ପାକିସ୍ତାନ ଶାନ୍ତିଦୂତ । ରାଷ୍ଟ୍ରପତି ଟ୍ରମ୍ପ କେତେବେଳେ କ'ଣ କହୁଛନ୍ତି ସେଥିରେ ତାଳମେଳ ରହୁନାହିଁ । ପବିତ୍ର ରମଜାନ ସମୟରେ ରାଷ୍ଟ୍ରମୁଖ୍ୟ ଏବଂ ଧର୍ମଗୁରୁ ଆୟାତୋଲ୍ଲା ଅଲି ଖାମେନେଇଙ୍କ ହତ୍ୟା ଏକ ସ୍ଥାୟୀ ଶତ୍ରୁତା ସୃଷ୍ଟି କରିବ । ଦ୍ୱିତୀୟତଃ, ଭେନେଜୁଏଲା, ଏହା ପୂର୍ବରୁ ଇରାକ ଏବଂ ବର୍ତ୍ତମାନ ଇରାନ ଆକ୍ରମଣ ଆମେରିକାର ପୃଥିବୀର ତୈଳ ସମ୍ପତି ଉପରେ ଆଧିପତ୍ୟର ମାନସିକତାର ସୂଚନା ଦିଏ । ତୃତୀୟତଃ, ସାମରିକ ହସ୍ତକ୍ଷେପ ପାଇଁ ମିଳିତ ଜାତିସଂଘ ବା ଆମେରିକୀୟ ସଂସଦର ଅନୁମୋଦନ ନାହିଁ । ଚତୁର୍ଥତଃ, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା, ବିଶେଷତଃ ନାଟୋ ନାମକ ସାମରିକ ସଂଗଠନ ମାଧ୍ୟମରେ ପାଶ୍ଚାତ୍ୟ ଦେଶମାନଙ୍କ ନେତୃତ୍ୱ ବହନ କରୁଥିଲା । ଏହି ଯୁଦ୍ଧରେ ନାଟୋର ଦେଶମାନେ ହାତ ବଢ଼େଇଲେ ନାହିଁ । ଅର୍ଥାତ୍, ନାଟୋରେ ଫାଟ । ପଚଂମତଃ, ଆମେରିକାର ସେନାବାହିନୀରେ ମତଭେଦ ଦେଖାଦେଇଛି । ଏପ୍ରିଲ ୨୦୨୬ରେ ଆମେରିକାର ସେନାଧ୍ୟକ୍ଷ ରାଣୀ ଜର୍ଜ ପଦତ୍ୟାଗ କଲେ । ଏହି ମାସ ୨୨ ତାରିଖ ଦିନ ଜଳବାହିନୀର ସଚିବ ଜନ୍ ଫେଲାନ ପଦତ୍ୟାଗ କଲେ । ଯୁଦ୍ଧ ଚାଲିଥିବା ସମୟରେ ବିଶେଷତଃ ହୋର୍ମୁଜ ଅବରୋଧ ମଧ୍ୟରେ ଏମିତି ପଦତ୍ୟାଗ କୌତୁହଳ ସୃଷ୍ଟିକରେ । ଷଷ୍ଠତଃ, ଏପ୍ରିଲ ୧୩, ୨୦୨୬ ତାରିଖ ଦିନ ଶହେଜଣରୁ ଉର୍ଦ୍ଧ୍ୱର୍ ଆମେରିକୀୟ ଆଇନ ବିଶେଷଜ୍ଞ ଏକ ଖୋଲାଚିଠି ଲେଖି ଇରାନରେ ଆମେରିକୀୟ ସାମରିକ ହସ୍ତକ୍ଷେପକୁ ବେଆଇନ ଓ ଜାତିସଂଘର ନିୟମ ବିରୋଧୀ ବୋଲି କହିଲେ । ସପ୍ତମତଃ, ଟ୍ରମ୍ପଙ୍କ ବ୍ୟକ୍ତିଗତ ପ୍ରତିଷ୍ଠା ପ୍ରଭାବିତ ହେଉଥିବା ମନେହୁଏ । ବ୍ୟକ୍ତିଗତ ଭାବେ ଟ୍ରମ୍ପଙ୍କ ବିରୋଧ ସତ୍ତ୍ୱେ ଗୁଜରାଟ ସୁନ୍ଦର ଜୋହରାନ ମାମଦାନୀ ଡେମୋକ୍ରାଟିକ ଦଳ ତରଫରୁ ନ୍ୟୁୟର୍କ ସହରର ମେୟର ନିର୍ବାଚିତ ହେଲେ । ସେହିପରି ଏହି ମାସ ନିର୍ବାଚନରେ ଚରମ ଦକ୍ଷିଣପନ୍ଥୀ ଭିକ୍ଟର ଓର୍ବାନଙ୍କୁ ଟ୍ରମ୍ପ ସମର୍ଥନ ଜଣାଇଲେ । ହଙ୍ଗେରୀର ଏହି ନିର୍ବାଚନରେ ଓର୍ବାନ ପରାସ୍ତ ହେଲେ ଏବଂ ଉଦାରବାଦୀ ପିଟର ମାଗାର ପ୍ରଧାନମନ୍ତ୍ରୀ ହେବାକୁ ଯାଉଛନ୍ତି । ଅଷ୍ଟମତଃ, ନଭେମ୍ବର ମାସରେ ଆମେରିକୀୟ ସଂସଦ ପାଇଁ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ହେବ । ଇରାନରେ ଅସଫଳ ସାମରିକ ଅଭିଯାନ ଟ୍ରମ୍ପଙ୍କ ରିପବ୍ଲିକାନ ଦଳକୁ ମହଙ୍ଗା ପଡ଼ିପାରେ । ଶେଷତଃ, ଏହି ପ୍ରବନ୍ଧ ଲେଖିଲା ବେଳକୁ ଆମେରିକା ହୋର୍ମୁଜ ପ୍ରଣାଳୀର ଅବରୋଧ ଜାରି ରଖିଛି । ଇରାନକୁ ପରାସ୍ତ କରିନପାରି ହୋର୍ମୁଜକୁ ବନ୍ଦ କରି ଇରାନକୁ ଶାନ୍ତି ଚୁକ୍ତି ପାଇଁ ବାଧ କରିବାକୁ ଚେଷ୍ଟା କରୁଛି । ୨୧ ଏପ୍ରିଲ ୨୦୨୬ ତାରିଖ ଦିନ ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ନେତୃତ୍ୱରେ ଆମେରିକାର ଦଳ ପାକିସ୍ତାନ ପହଚିଂ ବାର ଥିଲା । ଇରାନ ଆଲୋଚନାରେ ଯୋଗଦାନ କରିବାକୁ ମନା କରିଦେଲା । ଏଣୁ ବର୍ତ୍ତମାନ ପାଇଁ ଶାନ୍ତିବାର୍ତା ସ୍ଥଗିତ ହେଇଗଲା । ହେଲେ, ଟ୍ରମ୍ପ ଯୁଦ୍ଧବିରତିକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜାରି ରଖିବା କଥା କହିଛନ୍ତି । ତେଣେ, ଇସ୍ରାଏଲ ଓ ହିଜବୁଲ୍ଲାର ଯୁଦ୍ଧକ୍ଷେତ୍ର ଲେବାନନରେ ମଧ୍ୟ ଯୁଦ୍ଧବିରତି ହୋଇଛି ଏବଂ ଶାନ୍ତି ବାର୍ତାର ପ୍ରୟାସ ହେଉଛି । ଏ ପାଳିର ଇରାନ ଉପରେ ଆମେରିକାର ଆକ୍ରମଣ ଯଥାର୍ଥ କାରଣଯୁକ୍ତ ମନେ ହୁଏନାହିଁ । ଇସ୍ରାଏଲର ଆକ୍ରମଣ ବୁଝିହୁଏ । ଆମେରିକା କାହିଁକି ଏଥିରେ ହାତ ଦେଲା ବୁଝି ହେଉନାହିଁ । ଏଭଳି ଆମେରିକୀୟ କାର୍ଯ୍ୟକଳାପରୁ ଉପନିବେଶବାଦ ତଥା ସାମ୍ରାଜ୍ୟବାଦର ଆଭାସ ମିଳେ । ମିଳିତ ଜାତିସଂଘ ସମ୍ପୂର୍ଣ୍ଣ ନିଷ୍କ୍ରିୟ ମନେହୁଏ । ଆଲୋଚନା, ମିଳାମିଶା ବଦଳରେ ବାହୁବଳ ସମସ୍ୟା ସମାଧାନର ପନ୍ଥା ମନେହୁଏ । ଆମେରିକାରେ ଏକ ବିଶାଳକାୟ ଅସ୍ତ୍ରଶସ୍ତ୍ର ତିଆରି ବ୍ୟବସ୍ଥା (ମିଲିଟାରୀ-ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ) ଅଛି । ପୃଥିବୀରେ ଯେତେ ଯୁଦ୍ଧ ହେଉଥିବ, ଆମେରିକାର ଏହି କାରଖାନା ସେତେ ଲାଭବାନ ହେଉଥିବେ । ଭିଏତନାମ ଓ ଆଫଗାନିସ୍ତାନରେ ଦୀର୍ଘ ଅଭିଯାନ ସତ୍ତ୍ୱେ ଆମେରିକା ପରାସ୍ତ ହେଇଥିଲା । କାରଣ ଥିଲା ସ୍ଥାନୀୟ ଲୋକଙ୍କ ସମ୍ମିଳିତ ବିରୋଧ । କେବଳ ଟେକନୋଲୋଜି ମାଧ୍ୟମରେ ଯୁଦ୍ଧ ଜିଣି ହୁଏନାହିଁ । ଏ ପର୍ଯ୍ୟନ୍ତର ଘଟଣାରୁ ମନେହୁଏ, ଇରାନ ବାଧହୋଇ ଶାନ୍ତି ବାର୍ତ୍ତାରେ ଯୋଗଦାନ ପାଇଁ ରାଜି ନୁହେଁ । ଏଣୁ ଉଭୟ ପକ୍ଷ ପାଇଁ ଏକ ସମ୍ମାନଜନକ ମଝିବାଟ ଅନ୍ୱେଷଣ କରାଯିବା ଉଚିତ । ଏସବୁ ଘଟଣାର ମୂଳ କାରଣ ଇସ୍ରାଏଲ- ପାଲେଷ୍ଟାଇନ ସମସ୍ୟାର ସ୍ଥାୟୀ ସମାଧାନ ଆବଶ୍ୟକ । ପାଲେଷ୍ଟାଇନ ଓ ଇସ୍ରାଏଲ ପରସ୍ପରର ଅସ୍ତିତ୍ୱକୁ ସ୍ୱୀକାର କରିବେ, ଦୁଇ ନିର୍ଦ୍ଦିଷ୍ଟ ଭୌଗୋଳିକ ସୀମାସମ୍ପନ୍ନ ଦେଶ ହୋଇ ରହିବେ, ଏହା ହିଁ ସମାଧାନର ବାଟ । ଏହାକୁ ଟୁଷ୍ଟେଟ୍ ଥିଓରୀ କହନ୍ତି । ଏହାକୁ ଆଗକୁ ନେବା ଉଚିତ । ତୈଳ ସମ୍ପତ୍ତିରେ ଭରପୂର ଆରବ ଉପସାଗରୀୟ ଦେଶମାନେ ଆମେରିକାର ସୁରକ୍ଷା ବଳୟ ଭିତରେ ରହି ନିଜକୁ ସୁରକ୍ଷିତ ମନେ କରୁଥିଲେ । ଏ ଦେଶମାନଙ୍କରେ ଇରାନର ଆକ୍ରମଣ ଏହି ବିଶ୍ୱାସକୁ ଭଙ୍ଗ କରିଦେଲା । ଏହି ଇରାନ ଯୁଦ୍ଧ ଆମେରିକାର ଆଧିପତ୍ୟର ନିମ୍ନଗତିର ସୂଚନା ଦିଏ ଏବଂ ଇରାନ ଏକ ଆଂଚଳିକ ମହାଶକ୍ତି ଭାବରେ ଉଭା ହୋଇଛି ମନେହୁଏ । ଯାହାହେଉ, ଶାନ୍ତି ଓ ଆଲୋଚନା ମାଧ୍ୟମରେ ସମାଧାନର ବାଟ ଖୋଜାଯିବା ଉଚିତ । ଏହା ହିଁ ଏକମାତ୍ର ବାଟ ।

ଶକ୍ତି ସୁରକ୍ଷା ପ୍ରାଥମିକତା ପାଉ

ହର୍ମୁଜ ପ୍ରଣାଳୀ ବନ୍ଦ ରହି ତେଲ ଓ ଗ୍ୟାସର ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବାରୁ ସାରା ବିଶ୍ୱରେ ଶକ୍ତି ସଙ୍କଟ କିଭଳି ଉତ୍କଟ ହୋଇଛି, ତାହା ହାଡ଼ିଶାଳରେ ଅନୁଭୂତ ହେଉଛି । ତେଣୁ ପ୍ରତ୍ୟେକ ଦେଶ ପୁଣି ଥରେ ନିଜ ନିଜ ଶକ୍ତି ସୁରକ୍ଷା ନେଇ ଚିନ୍ତା କରିବାକୁ ବାଧ୍ୟ ହେଲେଣି । ଶକ୍ତି ସୁରକ୍ଷା କହିଲେ ଶକ୍ତିର ନିରନ୍ତର ଉପଲବ୍ ?ଧତାକୁ ବୁଝାଏ, ପୁଣି ତାହା ସୁଲଭ ମୂଲ୍ୟରେ । ଶକ୍ତି ପାଇଁ ଯେଉଁ ଦେଶ ଆମଦାନି ଉପରେ ଯେତେ ଅଧିକ ନିର୍ଭରଶୀଳ, ସେହି ଦେଶ ସେତେ ଅଧିକ ଶକ୍ତି ଅସୁରକ୍ଷିତ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । କାରଣ ଶକ୍ତିର ପ୍ରଧାନ ଉତ୍ସ ତେଲ ଓ ଗ୍ୟାସ ଭଳି ଜୀବାଶ୍ମ ଇନ୍ଧନ, ଯାହା ନିର୍ଦ୍ଦିଷ୍ଟ କିଛି ଦେଶରେ ବିପୁଳ ପରିମାଣରେ ଗଚ୍ଛିତ ଥିବାରୁ ଭୂ-ରାଜନୈତିକ ସ୍ଥିତିରେ ପରିବର୍ତ୍ତନ ହେଲେ ଜୀବାଶ୍ମ ଇନ୍ଧନର ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହୁଏ, ଯାହା ଫଳରେ ସାରା ବିଶ୍ୱରେ ତେଲ ଓ ଗ୍ୟାସର ଦର ବୃଦ୍ଧି ପାଇଥାଏ । ସେହି ଦୃଷ୍ଟିରୁ ଭାରତର ସ୍ଥିତି ବିଶେଷ ଭଲ ନୁହେଁ କାରଣ ତେଲ ଆମଦାନି ଉପରେ ଭାରତ ଅତ୍ୟଧିକ ନିର୍ଭରଶୀଳ । ସୁତରାଂ, ଏହି ଦର ବୃଦ୍ଧି ଦେଶର ଅର୍ଥନୀତିକୁ ଖୁବ୍ ? ପ୍ରଭାବିତ କରିଥାଏ । ଉଦାହରଣ ସ୍ୱରୂପ ତେଲର ଦର ବ୍ୟାରେଲ ପିଛା ମାତ୍ର ୧ ଡଲାର ବଢ଼ିଲେ ଭାରତ ଉପରେ ୧୪୦ କୋଟି ଡଲାର ବା ପ୍ରାୟ ୧୩୦୦୦ କୋଟି ଟଙ୍କାର ଅତିରିକ୍ତ ବୋଝ ପଡ଼ିଥାଏ । ଇରାନ ସହିତ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଫେବ୍ରୁଆରି ମାସରେ ବ୍ରେଣ୍ଟ ଅଶୋଧିତ ତେଲର ଦର ବ୍ୟାରେଲ ପ୍ରତି ପ୍ରାୟ ୭୦ ଡଲାର ଥିଲା । ଯୁଦ୍ଧ ସମୟରେ ତାହା ୧୧୦ ଡଲାରରୁ ଅଧିକ ହୋଇଗଲା । ସାମୟିକ ଯୁଦ୍ଧ ବିରତି ଘୋଷଣା ପରେ ତେଲ ଦର ସାମାନ୍ୟ ହ୍ରାସ ପାଇଥିଲେ ବି ତାହା ପ୍ରାୟ ୯୦ରୁ ୧୦୦ ଡଲାର ଭିତରେ ରହୁଛି । ଅର୍ଥାତ୍, ଭାରତ ଉପରେ ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ଅତିରିକ୍ତ ବୋଝ ପଡ଼ିବାକୁ ବସିଲାଣି । ଏହା ଦେଶର 'ଚଳନ୍ତି ଖାତା ନିଅଂଟ' (କରେଂଟ ଆକାଉଂଟ ଡେଫିସିଟ)କୁ ବଢ଼ାଇବା ସହିତ ବିଦେଶୀ ମୁଦ୍ରା ଭଣ୍ଡାରକୁ ଚାପଗ୍ରସ୍ତ କଲାଣି । ଫଳରେ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେଉଛି । ଉଲ୍ଲେଖଯୋଗ୍ୟ ଯେ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଦ୍ୱାରା ଜାରି ବୃହତ୍ ଅର୍ଥନୀତିଗୁଡ଼ିକର ସଦ୍ୟ ପ୍ରକାଶିତ ରାଙ୍କିଂରେ ଭାରତ ଚତୁର୍ଥରୁ ଷଷ୍ଠ ସ୍ଥାନକୁ ଖସିଆସିଛି, ଯାହାର ଅନ୍ୟତମ କାରଣ ହେଉଛି ଦୁର୍ବଳ ଟଙ୍କା । ଗୋଟିଏ ଦେଶର ନିର୍ଭରଯୋଗ୍ୟ, ନିରନ୍ତର ଓ ସୁଲଭ ମୂଲ୍ୟରେ ଶକ୍ତି ଯୋଗାଇ ଦେବାର କ୍ଷମତା ହିଁ ସେହି ଦେଶର ଶକ୍ତି ସୁରକ୍ଷାକୁ ସୁନିଶ୍ଚିତ କରିଥାଏ । ଏବେ ଭାରତରେ ଶକ୍ତି ଆବଶ୍ୟକତାର ୫୬% କୋଇଲାରୁ ପୂରଣ ହେଉଥିବା ବେଳେ ୨୭% ତେଲ ଓ ୬% ପ୍ରାକୃତିକ ଗ୍ୟାସରୁ ହେଉଛି । ଅର୍ଥାତ୍ ପ୍ରାୟ ୮୯% ଶକ୍ତି ଆବଶ୍ୟକତା କେବଳ ଜୀବାଶ୍ମ ଇନ୍ଧନ ଦ୍ୱାରା ପୂରଣ ହେଉଛି । ସେହିପରି ଦେଶରେ ଉତ୍ପାଦିତ ବିଦ୍ୟୁତ୍ ?ର ପ୍ରାୟ ୭୪% କୋଇଲା ଆଧାରିତ । ବିଶ୍ୱର ମୋଟ କୋଇଲା ଭଣ୍ଡାରର ପ୍ରାୟ ୧୦% ଭାରତରେ ଥିବାରୁ ଆମର କୋଇଲା ଉପରେ ନିର୍ଭରଶୀଳତା ଅଧିକ । ଅନ୍ୟ ପକ୍ଷରେ ତେଲ ଓ ପ୍ରାକୃତିକ ଗ୍ୟାସ ପାଇଁ ଆମକୁ ମୁଖ୍ୟତଃ ଆମଦାନି ଉପରେ ନିର୍ଭର କରିବାକୁ ହୋଇଥାଏ । ୨୦୨୫ ଆର୍ଥିକ ବର୍ଷରେ ଦେଶର ସମୁଦାୟ ଅଶୋଧିତ ତୈଳ ଆବଶ୍ୟକତାର ୮୮.୨% ଓ ପ୍ରାକୃତିକ ଗ୍ୟାସ ଆବଶ୍ୟକତାର ୫୦.୮% ଆମଦାନି ହୋଇଥିଲା । ତେଲ ଦର ଓ ଉପଲବ୍‌ଧତାରେ ଅସ୍ଥିରତା ଦେଖା ଦେଲେ ଅର୍ଥନୀତିରେ ଅସ୍ଥିରତା ଆସିଥାଏ । ତେଣୁ ତୈଳ ସୁରକ୍ଷା ଜାତୀୟ ସୁରକ୍ଷାର ଏକ ଅତି ଗୁରୁତ୍ୱପୂର୍ଣ୍ଣ ଦିଗ । ୧୯୭୩-୭୪ ମସିହାରେ ଉତ୍ପନ୍ନ ହୋଇଥିବା ତୈଳ ସଙ୍କଟରୁ ଶିକ୍ଷା ଲାଭ କରି ଅନ୍ତର୍ଜାତୀୟ ଶକ୍ତି ସଂସ୍ଥା (ଆଇ.ଇ.ଏ.) ଗଠିତ ହୋଇଥିଲା । ଆଇ.ଇ.ଏ. ଅନୁଯାୟୀ ତେଲ ପାଇଁ ବିଦେଶରୁ ଆମଦାନି ଉପରେ ନିର୍ଭରଶୀଳ ପ୍ରତିଟି ଦେଶ ଅନ୍ତତଃ ପକ୍ଷେ ସେମାନଙ୍କ ୯୦ ଦିନ ଆମଦାନି ପରିମାଣର ତେଲକୁ 'ପେଟ୍ରୋଲିଅମ ରିଜର୍ଭ' (ଏସ.ପି.ଆ.) ଆକାରରେ ଗଚ୍ଛିତ ରଖିବା ଆବଶ୍ୟକ । ତଦ୍ୱାରା ଯୋଗାଣ ଶୃଙ୍ଖଳ ବ୍ୟାହତ ହେଲେ ମଧ୍ୟ ତା'ର ତାତ୍କାଳିକ ପ୍ରଭାବକୁ ସାମୟିକ ଭାବେ ଏଡ଼ାଇ ଦିଆଯାଇପାରିବ । ଆଇ.ଇ.ଏ.ର ପରାମର୍ଶକୁ ଗ୍ରହଣ କରି ୧୯୯୮ ମସିହାରେ ଭାରତରେ ଏସ.ପି.ଆର ନିର୍ମାଣର ପରିକଳ୍ପନା କରାଗଲା । ୨୦୦୩ ମସିହାରେ ପେଟ୍ରୋଲିଅମ ମନ୍ତ୍ରାଳୟ ଅଧୀନସ୍ଥ 'ଅଏଲ ଇଣ୍ଡଷ୍ଟ୍ରି ଡେଭଲପମେଂଟ ବୋର୍ଡ' (ଓ.ଆଇ.ଡି.ବି.) ମାଧ୍ୟମରେ ଏସ.ପି.ଆର ପ୍ରତିଷ୍ଠା କରିବା ଦିଗରେ ପଦକ୍ଷେପ ନିଆଗଲା । ତେବେ ୨୦୦୫ ମସିହାରେ ଓ.ଆଇ.ଡି.ବି. ମାଲିକାନାରେ 'ଇଣ୍ଡିଆନ ଷ୍ଟ୍ରାଟେଜିକ ପେଟ୍ରୋଲିଅମ ରିଜର୍ଭ ଲିମିଟେଡ' (ଆଇ.ଏସ.ପି.ଏଲ୍.) ନାମକ ଏକ ସ୍ୱତନ୍ତ୍ର ସଂସ୍ଥା ପ୍ରତିଷ୍ଠା କରାଯାଇ ପେଟ୍ରୋଲିଅମ ରିଜର୍ଭ ଭଣ୍ଡାର ନିର୍ମାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଗଲା । ପ୍ରଥମ ପର୍ଯ୍ୟାୟରେ ପୂର୍ବ ତଟରେ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣା ଠାରେ ଗୋଟିଏ ଓ ପଶ୍ଚିମ ତଟରେ କର୍ଣ୍ଣାଟକର ପାଦୁର ଓ ମାଙ୍ଗାଲୋର ଠାରେ ଦୁଇଟି; ଏହିପରି ସମୁଦାୟ ୩ଟି ଏସ.ପି.ଆର. ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ସେଗୁଡ଼ିକ ଯଥାକ୍ରମେ ୨୦୧୫, ୨୦୧୬ ଓ ୨୦୧୮ ମସିହାରେ କାର୍ଯ୍ୟକ୍ଷମ ହେଲା । ସେଗୁଡ଼ିକର ସର୍ବମୋଟ ତୈଳ ଭଣ୍ଡାରଣ କ୍ଷମତା ହେଉଛି ୫.୩୩ ଏମଏମଟି (ମିଲିଅନ ମେଟ୍ରିକ୍ ଟନ୍), ଯାହା ଦେଶର ମାତ୍ର ସାଢ଼େ ନଅ ଦିନର ଆବଶ୍ୟକତାକୁ ପୂରଣ କରିବାକୁ ସମର୍ଥ । ତେଲ ବିପଣନ କମ୍ପାନିଗୁଡ଼ିକ ନିକଟରେ ଥିବା ଗଚ୍ଛିତ ତେଲ ୬୪.୫ ଦିନର ଆବଶ୍ୟକତାକୁ ପୂରଣ କରିପାରିବ । ଏହା ବଫର ଷ୍ଟକ୍ ପର୍ଯ୍ୟାୟବାଚୀ ହୋଇପାରେ, କିନ୍ତୁ ଏସ.ପି.ଆର. ପର୍ଯ୍ୟାୟବାଚୀ ନୁହେଁ । ଦ୍ରୁତ ସହରୀକରଣ ଓ ଅର୍ଥନୈତିକ ଗତିବିଧି ବୃଦ୍ଧି ସହିତ ପ୍ରତି ବର୍ଷ ଦେଶରେ ଜୀବାଶ୍ମ ଇନ୍ଧନର ବ୍ୟବହାର ପ୍ରାୟ ୨ରୁ ୩ ପ୍ରତିଶତ ବୃଦ୍ଧି ପାଇଚାଲିଛି । ଦେଶ ଭିତରେ ତେଲ ଉତ୍ପାଦନ ଅନୁରୂପ ଭାବେ ବୃଦ୍ଧି ପାଉ ନଥିବାରୁ ଏହି ବର୍ଦ୍ଧିତ ଚାହିଦାକୁ ମେ[ାଇବା ଲାଗି ଆମଦାନି ମଧ୍ୟ ବଢ଼ି ବଢ଼ି ଚାଲିଛି । ଉଦାହରଣ ସ୍ୱରୂପ ୨୦୧୪ ଆର୍ଥିକ ବର୍ଷରେ ଆମଦାନି ହୋଇଥିବା ଅଶୋଧିତ ତେଲର ପରିମାଣ ଥିଲା ୧୯୦ ଏମଏମଟି (ମିଲିଅନ ମେଟ୍ରିକ୍ ଟନ), ଯାହା ଥିଲା ଆମ ଚାହିଦାର ୮୦ ପ୍ରତିଶତ । ୨୦୨୫ ଆର୍ଥିକ ବର୍ଷରେ ତାହା ବୃଦ୍ଧି ପାଇ ୨୪୨ ଏମଏମଟିରେ ପହଂଚିଲାଣି । ତେଣୁ ଏବର ଅଶୋଧିତ ତେଲ ଆମଦାନିକୁ ଦୃଷ୍ଟିରେ ରଖି ଆଇ.ଇ.ଏ.ର ମାର୍ଗଦର୍ଶିକା ଅନୁଯାୟୀ ଶକ୍ତି ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ଦେଶରେ ଅନ୍ତତଃ ୬୦ ଏମଏମଟି କ୍ଷମତା ବିଶିଷ୍ଟ 'ଷ୍ଟ୍ରାଟେଜିକ ପେଟ୍ରୋଲିଅମ ରିଜର୍ଭ' (ଏସପିଆର) ଭଣ୍ଡାର ଉପଲବ୍ ?ଧ ହେବା ଆବଶ୍ୟକ । ୨୦୧୮ ମସିହାରେ ଏସ.ପି.ଆର.ର ଦ୍ୱିତୀୟ ପର୍ଯ୍ୟାୟରେ ଓଡ଼ିଶାର ଚଣ୍ଡିଖୋଲ ଠାରେ ୪ ଏମଏମଟି ଓ କର୍ଣ୍ଣାଟକର ପାଦୁର ଠାରେ ୨.୫ ଏମଏମଟି କ୍ଷମତାବିଶିଷ୍ଟ ଆଉ ଦୁଇଟି ଭଣ୍ଡାର ନିର୍ମାଣ ଲାଗି ମଞ୍ଜୁରି ପ୍ରଦାନ କରାଯାଇଥିଲା । ମାତ୍ର ପରିତାପର ବିଷୟ ଯେ ୮ ବର୍ଷ ପରେ ମଧ୍ୟ ଏ ଦୁଇଟି ଭଣ୍ଡାର ନିର୍ମାଣରେ ବିଶେଷ ଅଗ୍ରଗତି ପରିଲକ୍ଷିତ ହୋଇନାହିଁ । ଅନ୍ୟ ପକ୍ଷରେ ଗତ ୧୦ ବର୍ଷ ମଧ୍ୟରେ ଚୀନ, ଜାପାନ, ଦକ୍ଷିଣ କୋରିଆ, ସ୍ପେନ ଭଳି ଦେଶଗୁଡ଼ିକ ସେମାନଙ୍କ ଏସ.ପି.ଆର. ଭଣ୍ଡାର କ୍ଷମତାକୁ ୯୦ ଦିନରୁ ଅଧିକ କରିସାରିଲେଣି । ତେଣୁ, ଭାରତରେ ମଧ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଅଧିକ ସଂଖ୍ୟକ ଏସ.ପି.ଆର. ଭଣ୍ଡାର ନିର୍ମାଣ କରାଯାଇ ତୈଳ ସୁରକ୍ଷାକୁ ସୁନିଶ୍ଚିତ କରିବା ଦିଗରେ ପ୍ରୟାସ ନିତାନ୍ତ ଆବଶ୍ୟକ । କେବଳ ଭଣ୍ଡାର ନିର୍ମାଣ ଯଥେଷ୍ଟ ନୁହେଁ, ସେଥିରେ ସବୁ ସମୟରେ ସେହି ପରିମାଣର ତେଲ ମହଜୁଦ ରଖିବାକୁ ହେବ ଓ ତାହାକୁ ବ୍ୟାବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବା ଅନୁଚିତ । ଏଥିପାଇଁ ବିପୁଳ ପରିମାଣରେ ପୁଞ୍ଜି ଓ ସେ ନେଇ ବିଚାରବିମର୍ଶର ପ୍ରୟୋଜନ ରହିଛି । ଶିଳ୍ପରୁ ଆରମ୍ଭ କରି କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ପ୍ରତିଟି କ୍ଷେତ୍ରରେ ଶକ୍ତିର ଆବଶ୍ୟକତା ରହିଛି । ଏମିତିରେ ସାରା ବିଶ୍ୱର ହାରାହାରି ମୁଣ୍ଡପିଛା ବିଦ୍ୟୁତ୍ ବ୍ୟବହାର ତୁଳନାରେ ଭାରତରେ ବିଦ୍ୟୁତ୍ ? ବ୍ୟବହାର ଏକ-ତୃତୀୟାଂଶ । ତେଣୁ ଭବିଷ୍ୟତରେ ଦେଶରେ ଶକ୍ତି ଚାହିଦା ଆହୁରି ଅନେକ ବଢ଼ିବ । ଆଇ.ଇ.ଏ.ର ପୂର୍ବାନୁମାନ ଅନୁଯାୟୀ ୨୦୩୦ ମସିହା ସୁଦ୍ଧା ଭାରତର ଶକ୍ତି ଆମଦାନି ନିର୍ଭରଶୀଳତା ୫୩%ରୁ ଅଧିକ ହୋଇସାରିଥିବ । ତେଣୁ ଶକ୍ତି ସୁରକ୍ଷାକୁ ସୁନିଶ୍ଚିତ କରିବାକୁ ହେଲେ ଆମକୁ ଏକ ସଙ୍ଗେ ଦୁଇଟି ଦିଗରେ ପ୍ରୟାସ କରିବାକୁ ହେବ- ଜୀବାଶ୍ମ ଇନ୍ଧନର ଆମଦାନି ହ୍ରାସ ଓ ଅଣ-ଜୀବାଶ୍ମ ଇନ୍ଧନର ଉତ୍ପାଦନ ବୃଦ୍ଧି । ଘରୋଇ ଉତ୍ପାଦନ ବୃଦ୍ଧି ନ ପାଇଲେ ଅଶୋଧିତ ତେଲ ଓ ପ୍ରାକୃତିକ ଗ୍ୟାସର ଆମଦାନିରେ ହ୍ରାସ ଘଟାଇବା ସମ୍ଭବ ନୁହେଁ । ଇତିମଧ୍ୟରେ କିଛି ଛୋଟ ଛୋଟ ତେଲ ଓ ଗ୍ୟାସ ଭଣ୍ଡାରର ସନ୍ଧାନ ମିଳିଥିଲେ ବି ଗତ ଦଶ ବର୍ଷ ମଧ୍ୟରେ ଦେଶରେ କୌଣସି ବଡ଼ ଧରଣର ତୈଳ ଭଣ୍ଡାର କାର୍ଯ୍ୟକ୍ଷମ ହୋଇନାହିଁ । ଫଳରେ ତେଲର ଘରୋଇ ଉତ୍ପାଦନ ଆଶାନୁରୂପ ବୃଦ୍ଧି ପାଇନାହିଁ । ଅନ୍ୟ ପକ୍ଷରେ ତେଲ ଓ ଗ୍ୟାସର ଘରୋଇ ଚାହିଦା ବୃଦ୍ଧି ଯୋଗୁଁ ଦେଶର ଆମଦାନି ନିର୍ଭରଶୀଳତା ବୃଦ୍ଧି ପାଇଛି । ପ୍ରସଙ୍ଗତଃ, ତେଲରେ ୨୦% ଇଥାନଲ ମିଶାଯାଉ ନଥିଲେ ଅଶୋଧିତ ତେଲ ଆମଦାନି ହୁଏତ ୯୦%ରୁ ଅଧିକ ହୋଇସାରନ୍ତାଣି । ଏପରି ସ୍ଥଳେ ବୈଦ୍ୟୁତିକ ଯାନବାହନର ଚଳାଚଳ ବୃଦ୍ଧି ପାଇଲେ ତେଲର ଚାହିଦା ହୁଏତ କିଛିଟା ହ୍ରାସ ପାଆନ୍ତା । କିନ୍ତୁ ଭିତ୍ତିଭୂମିର ଅଭାବ ଓ ଅନ୍ୟାନ୍ୟ କିଛି କାରଣରୁ ତାହା ହେବା ସମୟସାପେକ୍ଷ । ତା' ଛଡ଼ା ଦେଶରେ ମୁଖ୍ୟତଃ କୋଇଲାରୁ ବିଦ୍ୟୁତ୍ ଉତ୍ପାଦନ ହେଉଥିବାରୁ ବୈଦ୍ୟୁତିକ ଯାନବାହନର ସଂଖ୍ୟା ବୃଦ୍ଧି ପାଇଲେ ପ୍ରଦୂଷଣ ଓ ବୈଶ୍ୱିକ ଉନ୍ମତ୍ତୀକରଣ ସମସ୍ୟା ଉତ୍କଟତର ହେବାର ଆଶଙ୍କା ରହିଛି । ତେଣୁ ବିକଳ୍ପ ଇନ୍ଧନ, ବିଶେଷ କରି ଅକ୍ଷୟ ଶକ୍ତିର ଉତ୍ପାଦନ ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦେବାକୁ ହେବ । ୨୦୩୦ ମସିହା ସୁଦ୍ଧା ଦେଶରେ ଅଣ-ଜୀବାଶ୍ମ ଇନ୍ଧନର ଉତ୍ପାଦନକୁ ୫୦୦ ଗିଗାୱାଟରେ ପହଚାଂଇବାର ଲକ୍ଷ୍ୟ ରଖାଯାଇଥିବା ବେଳେ ତହିଁର ୫୦% ଅକ୍ଷୟ ଶକ୍ତି ମାଧ୍ୟମରେ ହେବ । ସୌର ଶକ୍ତି ଉତ୍ପାଦନ ବୃଦ୍ଧି ପାଇଛି ସତ, ହେଲେ ଦେଶରେ ଆବଶ୍ୟକତାନୁଯାୟୀ ବ୍ୟାଟେରି ଭଣ୍ଡାରଣ (ଷ୍ଟୋରେଜ)ରେ ସମସ୍ୟା ଥିବାରୁ ଅକ୍ଷୟ ଶକ୍ତିର ଉତ୍ପାଦନ ବାଧିତ ହେଉଛି । ଅନ୍ୟ ପକ୍ଷରେ ଦେଶରେ ୭ଟି ଆଣବିକ ଶକ୍ତି ଉତ୍ପାଦନ କେନ୍ଦ୍ରରେ ଥିବା ୨୫ଟି ରିଆକ୍ଟରର ଉତ୍ପାଦନ କ୍ଷମତା ମାତ୍ର ୮୮୦୦ ମେଗାୱାଟ । ୨୦୪୭ ମସିହା ସୁଦ୍ଧା ୧୦୦ ଗିଗାୱାଟ ଆଣବିକ ଶକ୍ତି ଉତ୍ପାଦନର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲେ ହେଁ ଆବଶ୍ୟକ ପରିମାଣରେ ୟୁରାନିଅମର ଅନୁପଲବ୍‌ଧତା ଆଣବିକ ଶକ୍ତି ଉତ୍ପାଦନ ବୃଦ୍ଧିରେ ବାଧକ ସାଜୁଛି । ରିଜର୍ଭ ବ୍ୟାଙ୍କର ଆକଳନ ଅନୁଯାୟୀ ୨୦୪୭ ମସିହା ସୁଦ୍ଧା 'ଜୀବାଶ୍ମ ଇନ୍ଧନରୁ ମୁକ୍ତି' ଓ ୨୦୭୦ ମସିହା ସୁଦ୍ଧା 'ବିଶୁଦ୍ଧ ଶୂନ୍ୟ ନିର୍ଗମନ' (ନେଟ ଜିରୋ ଏମିସନ)ର ଲକ୍ଷ୍ୟ ହାସଲ କରିବାକୁ ହେଲେ ପ୍ରାୟ ୧୦ ଲକ୍ଷ କୋଟି ଡଲାର ପୁଞ୍ଜି ନିବେଶର ଆବଶ୍ୟକତା ରହିଛି । ତେଣୁ ଶକ୍ତି ସୁରକ୍ଷାକୁ ସାମଗ୍ରିକ ଭାବେ ଧ୍ୟାନରେ ରଖି ପଦକ୍ଷେପ ନିଆଯାଉ । ଏଥି ସହିତ ଶକ୍ତିର ଅପଚୟକୁ ନିୟନ୍ତ୍ରଣ କରିବା ଲାଗି ଉଭୟ ଜନସାଧାରଣ ଓ ସରକାର ଯତ୍ନବାନ ହେବା ଆବଶ୍ୟକ । ଜାତୀୟ ସୁରକ୍ଷା ଆଉ କେବଳ ସୀମା ସୁରକ୍ଷା ଓ ଦେଶ ପ୍ରତିରକ୍ଷା ମଧ୍ୟରେ ସୀମିତ ହୋଇ ରହିନାହିଁ । ଶକ୍ତି ସୁରକ୍ଷା ଓ ଖାଦ୍ୟ ସୁରକ୍ଷା ମଧ୍ୟ ଜାତୀୟ ସୁରକ୍ଷାର ଗୁରୁତ୍ୱପୂର୍ଣ୍ଣ ଦିଗ ହୋଇସାରିଛି । ଜୀବାଶ୍ମ ଇନ୍ଧନ ପାଇଁ ବିଦେଶରୁ ଆମଦାନି ଉପରେ ନିର୍ଭରଶୀଳତା ଯେତେ ଅଧିକ ହେବ, ଦରବୃଦ୍ଧି ଓ ଅନିଶ୍ଚିତ ଯୋଗାଣ ଶୃଙ୍ଖଳ ଲାଗି ରହି ଶକ୍ତି କ୍ଷେତ୍ର ସେତେ ଅସୁରକ୍ଷିତ ହେବ । ଶକ୍ତି ସୁରକ୍ଷା ସୁନିଶ୍ଚିତ ହୋଇ ନ ପାରିଲେ ଖାଦ୍ୟ ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହେବା ସହ ତାହା ସାମଗ୍ରିକ ଭାବେ ଅର୍ଥନୀତିକୁ ଦୁର୍ବଳ କରିବ । ତେଣୁ ଦେଶର ଶକ୍ତି ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ଅଗ୍ରାଧିକାର ଭିତ୍ତିରେ ଶୀଘ୍ର ନୀଳ ନକ୍ସା ପ୍ରସ୍ତୁତ କରାଯାଉ । ତେବେ ଜଳବାୟୁ ସୁରକ୍ଷା ପ୍ରତି ପ୍ରତିବଦ୍ଧତା ଓ ବିକଶିତ ଦେଶ ହେବାର ଆକାଂକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରି ଶକ୍ତି ସୁରକ୍ଷାର ଲକ୍ଷ୍ୟ ହାସଲ କରିବା ହେବ ସବୁଠାରୁ ବଡ଼ ଆହ୍ୱାନ ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ
Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତ୍ତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟାଳୟ ଅଧୀନରେ ହେବ ।) Phone: 0661-2646999 Editor : Prakash Kumar Dhal
CITY OFFICE: B/204, SECTOR-16, ROURKELA, Pin :769003

ଜିଲ୍ଲାସ୍ତରୀୟ 'ଆନ୍ତର୍ଜାତିକ ଶ୍ରମିକ ଦିବସ' ପାଳିତ

ସମ୍ବଲପୁର,୨/୫(ନି/ପ୍ର): ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ, ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଶୁକ୍ରବାର ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ 'ଆନ୍ତର୍ଜାତିକ ଶ୍ରମିକ ଦିବସ' ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର (ଭା.ପ୍ର.ସେ) ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥି ଭାବେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ଭାରତ ସରକାର ଙ୍କ ପ୍ରତିନିଧି ଶ୍ରୀ ନାଉରୀ ନାୟକ, ବିଧାୟକ ସମ୍ବଲପୁରଙ୍କ ପ୍ରତିନିଧି ସୁଶ୍ରୀ ସୁଭଶ୍ରୀ ମିଶ୍ର, ଜିଲ୍ଲା ପରିଷଦ ଅଧକ୍ଷା ଶ୍ରୀମତୀ କୁମୁଦିନୀ ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ପ୍ରସନ୍ନ କୁମାର ପାତ୍ର, ସମ୍ବଲପୁର ଯୁଗ୍ମ ଶ୍ରମ କମିଶନର ମହେଶ୍ୱର ନାୟକ, ଜିଲ୍ଲା ଶ୍ରମ ଅଧିକାରୀ(ପ୍ରବର୍ତନ) ଶତ୍ରୁଜିତ ସାହୁ, ଜିଲ୍ଲା ଶ୍ରମ ଅଧିକାରୀ (କଲ୍ୟାଣ) ଭାରପ୍ରାପ୍ତ କୁମାରୀ ପୁଷ୍ପା ମିଞ୍ଜ, ପ୍ରମୁଖ ଉପସ୍ଥିତ ଥିଲେ।ଏହି ଅବସରରେ ନିର୍ମାଣ ଶ୍ରମିକ ଏବଂ ଅସଂଗଠିତ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ମୋଟ ୫୦,୪୧,୪୦୦ ଟଙ୍କାର ସହାୟତା ରାଶି ୫୩ ଜଣ ହିତାଧିକାରୀଙ୍କୁ ବ[ନ କରାଯାଇଛି। ଏଥିମଧ୍ୟରେ ବିବାହ ସହାୟତା ୧୯ ଜଣଙ୍କୁ ୯,୨୫,୦୦୦ ଟଙ୍କା, ଶିକ୍ଷା ସହାୟତା: ୦୬ ଜଣଙ୍କୁ ୪୬,୪୦୦ ଟଙ୍କା, ପ୍ରସୂତି ସହାୟତା: ୦୨ ଜଣଙ୍କୁ ୨୦,୦୦୦ ଟଙ୍କା, ମୃତ୍ୟୁକାଳୀନ ସହାୟତା: ୧୦ ଜଣ ନିର୍ମାଣ ଶ୍ରମିକଙ୍କ ପରିବାରକୁ ୨୯,୦୦୦,୦୦୦ ଟଙ୍କା ଏବଂ ୦୬ ଜଣ ଅସଂଗଠିତ ଶ୍ରମିକଙ୍କ ପରିବାରକୁ ୧୧,୦୦,୦୦୦ ଟଙ୍କା, ଅନ୍ତ୍ୟେଷ୍ଟି କ୍ରିୟା ସହାୟତା: ୧୦ ଜଣଙ୍କୁ ୫୦,୦୦୦ ଟଙ୍କା ପ୍ରଧାନ କରାଯାଇଥିଲା ଓଏହି କାର୍ଯ୍ୟକ୍ରମରେ ୩୦୦ ଜଣ ନିର୍ମାଣ ଶ୍ରମିକ ଏବଂ ୧୦୦ ଜଣ ଅସଂଗଠିତ ଶ୍ରମିକଙ୍କୁ ନୂତନ ପରିଚୟ ପତ୍ର ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୫-୨୬ ବର୍ଷ ମଧ୍ୟରେ ସମ୍ବଲପୁର ଜିଲ୍ଲାରେ ମୋଟ ୧୫,୯୫୬ ଜଣ ନିର୍ମାଣ ଶ୍ରମିକଙ୍କୁ ପରିଚୟ ପତ୍ର ପ୍ରଦାନ କରାଯାଇ ସାରିଛି। ଜିଲ୍ଲାପାଳ ଶ୍ରୀ ବୋନ୍ଦର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଯୋଗ୍ୟ ଶ୍ରମିକମାନଙ୍କ ସେମାନଙ୍କୁ ଶ୍ରମ ପରିଚୟ ପତ୍ର ଯୋଗାଇଦେବା ସହ ସରକାର ଙ୍କ ତରଫରୁ ପ୍ରଦାନ କରାଯାଉଥିବା ସୁବିଧା ସୁଯୋଗ ଏବଂ ସେମାନଙ୍କ ସାମାଜିକ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ସରକାର ସଦାସର୍ବଦା ଚେଷ୍ଟିତ ବୋଲି ଅଭିଭାଷଣରେ କହିଥିଲେ ।ସେମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନହୁଅନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ଅଧିକାରୀ ଙ୍କୁ ପରାମର୍ଶ ଦେଇ ଥିଲେ ।ସମ୍ବଲପୁର ଯୁଗ୍ମ ଶ୍ରମ କମିଶନର ଶ୍ରୀ ମହେଶ୍ୱର ନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଜିଲ୍ଲା ଶ୍ରମ ଅଧିକାରୀ କୁମାରୀ ପୁଷ୍ପା ମିଞ୍ଜ ସଚେତନତା ଭାଷଣ ଦେବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

ଝାରସୁଗୁଡା ସହର ଓ ଲଖନପୁର ଲିଙ୍ଗ ଅନୁପାତ ନେଇ ଚିନ୍ତା: ତୁରନ୍ତ ପଦକ୍ଷେପ ପାଇଁ କମିଟିର ଆହ୍ୱାନ

ଝାରସୁଗୁଡା,୨/୫(ନି/ପ୍ର): ଜିଲ୍ଲାରେ ଜନ୍ମ ସମୟରେ ଲିଙ୍ଗ ଅନୁପାତ ସୁଧାର ପଥରେ ଥିବା ସତ୍ତ୍ୱେ ଝାରସୁଗୁଡା ସହର ଓ ଲଖନପୁର ବ୍ଲକରେ ଏହା ୯୫୦ରୁ କମ ରହିବା ନେଇ ଜିଲ୍ଲା ପରିଷଦରେ ଚିନ୍ତା ବ୍ୟକ୍ତ ହୋଇଛି। ଜିଲ୍ଲାପାଳ କୁନାଲ ମୋତିରାମ ଚାଓ୍ୱନଙ୍କ ଅଧ୍ୟକ୍ଷତାରେ ପିସି ଓ ପି ଏନ୍ ଡି ଟି ଆକ୍ଟ ସମ୍ପର୍କିତ ଜିଲ୍ଲା ପରାମର୍ଶଦାତା କମିଟି ବୈଠକରେ ଏହି ବିଷୟ ଗୁରୁତ୍ୱ ସହ କଥା ହୋଇଛି। ସି ଡି ଏମ ଓ ପି ଏଚ ଓ ଙ୍କ ଆହ୍ୱାନରେ ଆୟୋଜିତ ଏହି ବୈଠକରେ ଲିଙ୍ଗ ଅନୁପାତ ଉନ୍ନତି ପାଇଁ ଏକାଧିକ ପଦକ୍ଷେପ ନିର୍ଦ୍ଦେଶ ଦିଆଯାଇଛି। କନ୍ୟା ସନ୍ତାନର ମହତ୍ୱ ବିଷୟରେ ସଚେତନତା କାର୍ଯ୍ୟକ୍ରମ (ଆଇ ସି ଇ/ବି ସି ସି)କୁ ଜୋରଦାର କରିବା, ଗର୍ଭାବସ୍ଥା ସମୟରେ ଏ ଏନ୍ ସି ପରାମର୍ଶକୁ ସୁଦୃଢ଼ କରିବା ଓ ଲିଙ୍ଗ ଚୟନ ପ୍ରଥା ବିରୋଧରେ ସତର୍କତା ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ତଦୁପରି, ପ୍ରତିମାସ ବ୍ଲକ ସ୍ତରରେ ସମୀକ୍ଷା ବୈଠକ ଆୟୋଜନ, କମ ପ୍ରଦର୍ଶନ କରୁଥିବା ଅଚଂଳରେ କ୍ଷେତ୍ରସ୍ତରୀୟ ନିରୀକ୍ଷଣ ବଢ଼ାଇବା ଓ ପି ଆର୍ ଆଇ ସଦସ୍ୟ ସହ ସାମୁଦାୟିକ ନେତାଙ୍କ ସହଭାଗୀତା ସୁନିଶ୍ଚିତ କରିବାକୁ କହାଯାଇଛି। କମିଟି ଅଲଟ୍ରାସାଉଣ୍ଡ ୟୁନିଟଗୁଡ଼ିକର ଅଚାନକ ଓ କଡ଼ା ନିରୀକ୍ଷଣ ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛି। ଘରୋଇ ଅଲଟ୍ରାସାଉଣ୍ଡ ୟୁନିଟମାନଙ୍କୁ ପି ଏମ ଏସ ଏମ ଏ ନିୟମାବଳୀ ଅନୁସାରେ ସମ୍ମାନଜନକ ମାତୃତ୍ୱ ସେବା ଯୋଗାଇବାକୁ ନିର୍ଦ୍ଦେଶ ମିଳିଛି। ବୈଠକରେ ପିସି ଓ ପି ଏନ୍ ଡି ଟି ଆକ୍ଟ ଅଧୀନରେ ପଞ୍ଜୀକରଣ ପାଇଁ ବିଚାରାଧୀନ ଆବେଦନ ଓ ଚାଲୁଥିବା ଅଲଟ୍ରାସାଉଣ୍ଡ ୟୁନିଟମାନଙ୍କ ସ୍ଥିତି ଉପରେ ମଧ୍ୟ ଆଲୋଚନା ହୋଇଛି। ଉଲ୍ଲେଖନୀୟ ଯେ, ପିସି ଓ ପି ଏନ୍ ଡି ଟି ଆକ୍ଟ ଅନୁଯାୟୀ ଲିଙ୍ଗ ନିର୍ଦ୍ଧାରଣ ଓ ଲିଙ୍ଗ ଭିତିକ ଗର୍ଭପାତ କାନୁନଗତ ଭାବେ ନିଷିଦ୍ଧ।

ସମ୍ବଲପୁରରେ ଜନ ଆକ୍ରୋଶ ମହିଳା ସମାବେଶ

ସମ୍ବଲପୁର,୨/୫(ନି/ପ୍ର): ସଂସଦରେ ନାରୀ ଶକ୍ତି ବନ୍ଦନ ଅଧିନିୟମ ବିଲ୍ ପାରିତ ହୋଇ ନ ପାରିବା ଯୋଗୁଁ ସମଗ୍ର ଦେଶରେ ମହିଳାଙ୍କ ପକ୍ଷରୁ ବିରୋଧିଙ୍କୁ ବିରୋଧ କରିବା କାର୍ଯ୍ଯକ୍ରମ ଆୟୋଜିତ ହେଉଛି । ଏହି ମର୍ମରେ ଆଜି ସମ୍ବଲପୁର ଜେଲ୍ ଛକ ନିକଟସ୍ଥ ଗୁରୂଶ୍ରୀ ସତ୍ୟ ନାରାୟଣ ସମ୍ବଲପୁରୀ ଡେରା ଠାରେ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମହିଳା ଙ୍କ ଦ୍ୱାରା ଜେଲ୍ ଛକ ରେ କଂଗ୍ରେସ ନେତା ରାହୁଲ୍ ଗାନ୍ଧୀ ଓ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଙ୍କ କୁଶ ପୁନ୍ତଳିକା ଦାହ କରାଯାଇଥିଲା । ପରେ ଜେଲ୍ ଛକ ରୁ ସମ୍ବଲପୁରୀ ଡେରା ଯାଏଁ ଏକ ବିଶାଳ ମହିଳା ରେଲି ଅନୁଷ୍ଠିତ ହୋଇଥିଲା । ସମ୍ବଲପୁରୀ ଡେରା ରେ ଉପସ୍ଥିତ ମହିଳା ଙ୍କୁ ନାରୀ ନେତ୍ରୀ ମାନେ ଉଦବୋଧନ ଦେଇଥିଲେ । ନରେନ୍ଦ୍ର ମୋଦୀ ଙ୍କ ନେତୃତ୍ୱରେ ଚାଲିଥିବା ସରକାର କିଭଳୀ ମହିଳା ସ୍ୱାଧୀନତା, ମହିଳା ସଶକ୍ତିକରଣ ଓ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଶତାଧିକ ଯୋଜନା ହାତକୁ ନେଇଛନ୍ତି ଏବଂ ନାରୀ ଶକ୍ତି ନନ୍ଦନ ଅଧିନିୟମ ବିଲ୍ ଜରିଆରେ ମହିଳା ଙ୍କୁ ସାଂସଦ ରେ ବିଧାନସଭାରେ ୩୩% ସ୍ଥାନ ସଂରକ୍ଷଣ ପାଇଁ ଚେଷ୍ଟା କରିଥିଲେ ସେ ବିଷୟ ରେ କହିଥିଲେ । ବିରୋଧି ଇଣ୍ଡି ଗଠବନ୍ଧନ କିଭଳି ମହିଳା ଆରକ୍ଷଣ କୁ ବିରୋଧ କରି ବିଲ୍ କୁ ପାରିତ କରାଇ ଦେଇ ନଥିଲେ ସେଥିପାଇଁ ବିରୋଧି ଙ୍କ ଉପରେ ଗର୍ଜିଥିଲେ । ଏହି କାର୍ଯ୍ୟକ୍ରମକୁ ସମ୍ବଲପୁର ବିଜେପି ମହିଳା ମୋର୍ଚ୍ଚା ଜିଲ୍ଲା ସଭାନେତ୍ରୀ ସୁଷମା ସାହୁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ମହିଳା ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରୀଣି ସଦସ୍ୟା ରୀନା ପଟେଲ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅର୍ଚ୍ଚନା ମେହେର, ସୁଷମା ମୁଣ୍ଡା ଭବାନୀ ଦୃଷ, ଅନୁସୟା ସାମଲ ସ୍ନିଗ୍ଧାଶ୍ରୀ ମିଶ୍ର, ସବିତା ନନ୍ଦ, ସୁଶ୍ରୀ ଶୁଭଶ୍ରୀ ମିଶ୍ର, ସସ୍ମିତା ଦେହୁରି, ଟିକି ପ୍ରଧାନ, ପୁଷ୍ପାଞ୍ଜଳି ଜେନା, ରୁନୁ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ଦିଗରେ ପୂର୍ବତନ ବିଧାୟକ ନାଉରୀ ନାୟକ, ରାମ ଚନ୍ଦ୍ର ମେହେର, ଦେବେନ୍ଦ୍ର ମହାପାତ୍ର, ମାନସ ରଞ୍ଜନ ବକ୍ସି, ଶୁଶାନ୍ତ ପୁରୋହିତ, ସମିର ରଞ୍ଜନ ବାବୁ, ଆଶିଷ ହୋତା, ଅଶ୍ୱିନୀ ସ୍ୱାଇଁ, ଅନିଲ ବେହେରା, ସୁଧୀର ରଞ୍ଜନ ବହିଦାର ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ଶେଫାଳୀ ସେଠି ଧନ୍ଯବାଦ ଅର୍ପଣ କରିଥିଲେ ।

ମଧୁବାବୁ ଓ ଗୋପବନ୍ଧୁଙ୍କୁ ଭାରତରତ୍ନ ପ୍ରଦାନ ଦାବିରେ ରାଜ୍ୟପାଳଙ୍କୁ ସ୍ମାରକପତ୍ର

ଭୁବନେଶ୍ୱର,୨/୫(ନି/ପ୍ର): ଜାତୀୟ ଜନଜୀବନର ଦୁଇ ଉଜ୍ଜଳ ବିନ୍ଧାଣୀ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅସୀମ ତ୍ୟାଗ କେବଳ ଓଡ଼ିଶାର ଭାଗ୍ୟରବିକୁ ଉଜ୍ଜଳ କରି ନ ଥିଲା, ସମଗ୍ର ଭାରତୀୟ ଜାତୀୟତା ଓ ଗାଣତନ୍ତ୍ରିକ ଭିତିଭୂମିକୁ ମଜବୁତ କରିଥିଲା। ବିଳମ୍ବରେ ହେଲେ ମଧ୍ୟ ଉଭୟଙ୍କୁ ମରଣୋତର ଭାରତରତ୍ନ ଉପାଧିରେ ଭୂଷିତ କରିବାକୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଦାବି କରିଛନ୍ତି। ଗୁରୁବାର ମଧ୍ୟାହ୍ନରେ ଲୋକଭବନଠାରେ ରାଜ୍ୟପାଳ ହରିବାବୁ କମ୍ଭମପାଟିଙ୍କୁ ସାକ୍ଷାତ କରି ତାଙ୍କ ଜରିଆରେ ରାଷ୍ଟ୍ରପତିଙ୍କୁ ଏହି ମର୍ମରେ ସେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସ୍ମାରକପତ୍ରରେ ଶ୍ରୀ ହରିଚନ୍ଦନ ଦର୍ଶାଇଛନ୍ତି, କୁଳବୃଦ୍ଧ ମଧୁସୂଦନ କେବଳ ଦେଶର ପ୍ରଥମ ଭାଷାଭିତିକ ରାଜ୍ୟ ଓଡ଼ିଶା ଗଠନର ଉଦ୍‌ଗାତା ନ ଥିଲେ, ଦେଶର ସଂଘୀୟ ବ୍ୟବସ୍ଥାର ସାଂସ୍କୃତିକ ମୂଳଦୁଆ ସ୍ଥାପନ କରିବାରେ ଅଗ୍ରଣୀ ଭୂମିକା ନିର୍ବାହ କରିଥିଲେ। ଉଚ୍ଚକୋଟୀର ଆଇନଜ୍ଞ ଭାବେ ବିଦିତ ମଧୁସୂଦନ ଜଣେ ସମାଜ-ସୁଧାରକ ଓ ଦୂରଦ୍ରଷ୍ଟା ଥିଲେ। ସେହିପରି, ସାଧାରଣ ଜନତାର ସ୍ୱର ଗୋପବନ୍ଧୁ ପାରିବାରିକ ସୁଖସ୍ୱାଚ୍ଛନ୍ଦକୁ ଜଳାଂଜଳି ଦେଇ ଦେଶବାସୀଙ୍କର ସେବା କରିଥିଲେ। ଏହି ନୀର୍ଭିକ ମହାମନିଷୀଙ୍କୁ ମହାତ୍ମା ଗାନ୍ଧୀ, ସୁଭାଷ ବୋଷ ଓ ଲଜପତ ରାୟଙ୍କ ପରି ଉତ୍ତୁଙ୍ଗ ବ୍ୟକ୍ତିତ୍ୱମାନେ ପ୍ରଶଂସାରେ ପୋତିପକାଇଥିଲେ। ଉଭୟ ଜାତିପ୍ରାଣ ରାଷ୍ଟ୍ରନୀତିଜ୍ଞଙ୍କ ନାମ ଭାରତରତ୍ନ ତାଲିକାରୁ ଏ ଯାଏ ବାଦ ପଡ଼ିବା ଆଧୁନିକ ଭାରତ ଇତିହାସର ଏକ ବିଡ଼ମ୍ବିତ ଅଧ୍ୟାୟ। ତେଣୁକରି ଆଉ କାଳ ବିଳମ୍ବ ନ କରି ଉଭୟ ସମାଜ ସଂସ୍କାରକଙ୍କୁ ଭାରତରତ୍ନ ପ୍ରଦାନ କରି ଅତୀତର ଭୁଲ୍ କୁ ସଂଶୋଧନ କରିବାକୁ ଶ୍ରୀ ହରିଚନ୍ଦନ ଆହ୍ୱାନ କରିଛନ୍ତି।

ଝାରସୁଗୁଡ଼ାରେ ସଡ଼କ ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କଡ଼ା ପଦକ୍ଷେପ

ଝାରସୁଗୁଡ଼ା, ୨/୫(ନି/ପ୍ର): ଝାରସୁଗୁଡ଼ା ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଡିଏମଏଫ୍ କନଫରେନ୍ସ ହଲ୍ରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ସହରରେ ବଢୁଥିବା ଟ୍ରାଫିକ୍ ଅସୁବିଧା, ସଡ଼କ ଦୁର୍ଘଟଣା ଓ ପ୍ରଦୂଷଣ ସମସ୍ୟାକୁ ଦୃଷ୍ଟିରେ ରଖି ବୈଠକରେ କିଛି ଦୃଢ଼ ଓ କଡ଼ା ନିଷ୍ପତି ଗ୍ରହଣ କରାଯାଇଛି। ବୈଠକରେ ରାସ୍ତାକଡ଼ରେ ବେଆଇନ ଭାବେ ପାର୍କିଂ କରୁଥିବା ଗାଡ଼ିମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଆର.ଟି.ଓ କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ଶିଳ୍ପାଂଚଳରେ ବଢୁଥିବା ଧୂଳି ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ସମସ୍ତ ଶିଳ୍ପ ପ୍ରତିଷ୍ଠାନକୁ ନିଜ ଅଂଚଳର ସଡ଼କ ପାର୍ଶ୍ୱ ସଫା ଓ ସ୍ୱଚ୍ଛ ରଖିବାକୁ କୁହାଯାଇଛି। ସଡ଼କ ଦୁର୍ଘଟଣା କମାଇବା ଉଦ୍ଦେଶ୍ୟରେ ଆର.ଟି.ଓ ଅଫିସ୍ଠୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, କଂଟାପାଲି ଏବଂ ପ୍ରସନ୍ନ ପଣ୍ଡା ଚକ ପର୍ଯ୍ୟନ୍ତ 'ରମ୍ବଲ ଷ୍ଟ୍ରିପ୍' (ହାର୍ଡ ପ୍ଲାଷ୍ଟିକ୍ ସ୍ପିଡ୍ ବ୍ରେକ)ର୍ ସ୍ଥାପନ କରାଯିବ। ଏହି କାମ ୧୦ ଦିନ ମଧ୍ୟରେ ସମାପ୍ତ କରିବାକୁ ଏନ୍ ଏଚ ଏ ଆଇ କୁ ନିର୍ଦ୍ଦେଶ ମିଳିଛି। ଏହାସହ ରାସ୍ତା ମଧ୍ୟରେ ଖରାପ ହୋଇ ପଡ଼ିଥିବା ଗାଡ଼ିଗୁଡ଼ିକୁ ତୁରନ୍ତ ହଟାଇବା ପାଇଁ ଓ ଏମ ପି ଏଲ ପକ୍ଷରୁ ହାଇଡ୍ରା (କ୍ରେନ୍) ସେବା ଯୋଗାଇବା ବ୍ୟବସ୍ଥା କରାଯିବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବେଦାନ୍ତ, ଏମସିଏଲ ଓ ଓପିଜିସି ପରି ବଡ଼ କମ୍ପାନୀଗୁଡ଼ିକୁ ନିଜ ପ୍ଲାଂଟ ମଧ୍ୟରେ ଶ୍ରମିକଙ୍କ ପାଇଁ 'କୁଲିଂ ସେଡ୍' ନିର୍ମାଣ କରିବାକୁ କୁହାଯାଇଛି। ଏହାର ନିୟମିତ ଯାଂଚ କରିବେ ଆର୍ ଟି ଓ କର୍ମଚାରୀମାନେ। ଅନ୍ୟପଟେ ବ୍ରଜରାଜନଗର ଟ୍ରକ୍ ଟର୍ମିନାଲକୁ ସଚଳ କରିବା ପାଇଁ ଏନଜିଓ ମାନଙ୍କୁ ନିଯୁକ୍ତ କରିବା ଓ ଫି ସଂଗ୍ରହ ପାଇଁ ଅଲଗା ବ୍ୟାଙ୍କ ଖାତା ଖୋଲିବାକୁ ପୌରପାଳିକାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲାପାଳ କହିଛନ୍ତି, ଏହି ସମସ୍ତ ପଦକ୍ଷେପ ଜନସାଧାରଣଙ୍କ ସୁରକ୍ଷା ଓ ସହରର ଶୃଙ୍ଖଳା ରକ୍ଷା ପାଇଁ ଅତ୍ୟନ୍ତ ଆବଶ୍ୟକ। ବୈଠକରେ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏସଏମସିର ଶ୍ରମିକ ଦିବସରେ ସଫେଇ ଅଭିଯାନର ଶୁଭାରମ୍ଭ

ସମ୍ବଲପୁର,୨/୫(ନି/ପ୍ର): ସମ୍ବଲପୁର ମହାନଗର ନିଗମ (ଏସଏମସି) ଅଚଂଳର ସଫେଇ ଅଭିଯାନରେ ଯୋଡିହେଲା ଆଉ ଏକ ଏଜେନ୍ସି। ସଫେଇ କାମର ୬ ନମ୍ବର ଜୋନ ଅନ୍ତର୍ଗତ ୧୩, ୧୪, ୧୫, ୧୮ ଓ ୩୪ ନମ୍ବର ୱାର୍ଡର ସଫେଇ କାର୍ଯ୍ୟ କରିବାକୁ ସ୍ୱର୍ଣ୍ଣ ଦେବୀ ଏଜେନ୍ସିକୁ ଏହି ଦାୟିତ୍ୱ ଦିଆଯାଇ ଶ୍ରମିକ ଦିବସ ଭଳି ଦିନରେ ଏହାର ଶୁଭାରମ୍ଭ କରାଯାଇଛି। ଏହାକୁ ସାଂସଦ ପ୍ରତିନିଧି ତଥା ରେଙ୍ଗାଲିର ପୂର୍ବତନ ବିଧାୟକ ନାଉରୀ ନାଏକ ଓ ଜିଲ୍ଲା ବିଜେପି ସଭାପତି ରାମଚନ୍ଦ୍ର ମେହେର ଆନୁଷ୍ଠାନିକ ଭାବେ ଏହାକୁ ଫିତା କାଟି ଉଦଘାଟନ କରିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବେ ଡା. ରାଜାରାମ ଷଡ଼ଙ୍ଗୀ, ଦେବେନ୍ଦ୍ର ମେହେର, ଆଡଭୋକେଟ ଅର୍ଜୁନ ପଟ୍ଟନାୟକ, ଏସଏମସି ଡେପୁଟି କମିଶନର ହରିଓମ ଭୋଇ ଓ ଭିକ୍ଟର ସୋରେଙ୍ଗ,ଏସଡବ୍ଲୁଏମ ମୋନିକା ମୋନାଲି ମାନସିଂ, ସ୍ୱର୍ଣ୍ଣ ଦେବୀ ଏଜେନ୍ସିର ସ୍ଥାନୀୟ ପରିଚାଳିକା ଲେନୁ ପରିଡା ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱଚ୍ଛତା ପାଇଁ ଶ୍ରମିକଙ୍କ ଶ୍ରମ ଜୀବନ ପାଇଁ ଅମୂଲ୍ୟ। ସେମାନଙ୍କ ତ୍ୟାଗ, ନିଷ୍ଠା ଓ ପରିଶ୍ରମ ସୁସ୍ଥ ପରିବେଶ ଓ ନିର୍ମଳ ହୃଦୟ ପାଇଁ ଖୁବ ଗୁରୁତ୍ୱପୂର୍ଣ୍ଣ ଥିବାରୁ ଏଜେନ୍ସି ଏହି କାର୍ଯ୍ୟକୁ ଆନ୍ତରିକ ମନୋଭାବ ରଖି ସମ୍ପାଦନ କରିପାରିବ ବୋଲି ଅତିଥି ମାନେ କହିଥଲେ।

ବିଜେପି ମହିଳା ମୋର୍ଚ୍ଚାର 'ଜନ ଆକ୍ରୋଶ ସମାବେଶ', ବିପକ୍ଷଙ୍କ ବିରୋଧରେ ତୀବ୍ର ପ୍ରତିବାଦ

ଝାରସୁଗୁଡ଼ା,୨/୫(ନି/ପ୍ର): କେନ୍ଦ୍ର ସରକାରଙ୍କ 'ନାରୀ ଶକ୍ତି ବନ୍ଦନ ଅଧିନିୟମ' ବିଲ୍କୁ କଂଗ୍ରେସ ଓ ଇଣ୍ଡି ମେଣ୍ଟ ପକ୍ଷରୁ ବିରୋଧ କରାଯାଇଥିବାର ପ୍ରତିବାଦରେ ବିଜେପି ମହିଳା ମୋର୍ଚ୍ଚା କୀର୍ମିରା ମଣ୍ଡଳ ପକ୍ଷରୁ ବିଶାଳ 'ଜନ ଆକ୍ରୋଶ ସମାବେଶ' ଆୟୋଜିତ ହୋଇଛି। ସ୍ଥାନୀୟ ବଜାରପଡାରୁ ବହୁ ମହିଳା ପଦଯାତ୍ରାରେ ବାହାରି କୀର୍ମିରା ଗାଁ ପରିକ୍ରମା କରିଥିଲେ। ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ, ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କୁଶପୁନ୍ତଳିକା ଦାହ କରି ତୀବ୍ର ପ୍ରତିବାଦ ଜଣାଇଥିଲେ। ଏହାସହିତ ସହର ଉପକଣ୍ଠ ଏଚ୍. କଟାପାଲିରେ ମଧ୍ୟ ଏକ ପ୍ରତିବାଦ କାର୍ଯ୍ୟକ୍ରମ ଓ କୁଶପୁନ୍ତଳିକା ଦାହ ଆୟୋଜିତ ହୋଇଥିଲା। ଏଚ୍. କଟାପାଲିର କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ଗ୍ରାମୀଣ ମଣ୍ଡଳ ସଭାପତି ହେମରଞ୍ଜନ ସିଂହ, ମହିଳା ମୋର୍ଚ୍ଚା ସଭାପତି ବିଳାସିନୀ ସାହୁ, ଜିଲ୍ଲା ସମ୍ପାଦକ ପଦ୍ମିନୀ ପଟେଲ, ବନ୍ଦନା ମୁନ୍ଦ୍ରା, ଗାୟତ୍ରୀ ସିଂହ, ମୀନତି ନାୟକ, ରଜନୀ ତିୱାରୀ, ସନ୍ତୋଷ କୁଅଁର ଓ ସୁଷମା ଛତ୍ରିଆ ଉପସ୍ଥିତ ଥିଲେ। କୀର୍ମିରାରେ ଆୟୋଜିତ ସମାବେଶରେ ମଣ୍ଡଳ ସଭାପତି ଲତିକା ସାହୁ, ଜିଲ୍ଲା ଉପସଭାପତି ସୌଦାମିନୀ କଲୋ, ମହିଳା ମୋର୍ଚ୍ଚା ସଭାନେତ୍ରୀ ଯାଜ୍ଞସେନୀ ନାଏକ, ସରପଂଚ ସନ୍ତୋଷିନୀ ପଟେଲ, ପୂଜା ବେହେରା, ସନ୍ତୋଷିନୀ ମୁଣ୍ଡା, ଫୁଲ ମୁଣ୍ଡା, ଉଦ୍ଧବ ସିଂ ନାଏକ, ମଣ୍ଡଳ ପ୍ରଭାରୀ ସନ୍ତୋଷ ଯାଦବ, ଯୁବ ମୋର୍ଚ୍ଚା ସଭାପତି ଯାମିନୀକାନ୍ତ ନାଏକ ସହ ଅନ୍ୟାନ୍ୟ କର୍ମୀମାନେ ଯୋଗଦେଇଥିଲେ। ସମାବେଶରେ ମହିଳା ଶକ୍ତିକୁ ସମ୍ମାନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ପଦକ୍ଷେପକୁ ସମର୍ଥନ ଜଣାଇ ଓ ବିପକ୍ଷ ଦଳମାନଙ୍କ ଭୂମିକାକୁ କଠୋର ଭାବେ ଆଲୋଚନା କରାଯାଇଥିଲା।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଜୟ ଗୋପାଳ

ସମ୍ବଲପୁର,୨/୫(ନି/ପ୍ର): ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଉପ ମହାପ୍ରବନ୍ଧକ ଜୟଗୋପାଳ ବେହେରା କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ୨୦୦୧ ମସିହାରେ ବ୍ୟାଙ୍କରେ ଯୋଗ ଦେଇଥିବା ଶ୍ରୀ ବେହେରାଙ୍କର ବିଭିନ୍ନ ସ୍ଥାନରେ ବିଭିନ୍ନ ପଦ ପଦବୀରେ କାର୍ଯ୍ୟ କରିବାର ୨୪ ବର୍ଷରୁ ଊର୍ଦ୍ଧ୍ୱ ଅଭିଜ୍ଞତା ରହିଛି । ସେ ମଧ୍ୟପ୍ରଦେଶ, ଓଡିଶା, ଉତର ପ୍ରଦେଶ, ମହାରାଷ୍ଟ୍ର, ପଶ୍ଚିମବଙ୍ଗ ଓ ଦିଲ୍ଲୀ ଆଦି ବିଭିନ୍ନ ସ୍ଥାନରେ କାର୍ଯ୍ୟ କରି ବ୍ୟାପକ ଅଭିଜ୍ଞତା ହାସଲ କରିଛନ୍ତି । ବର୍ତ୍ତମାନ ଶ୍ରୀ ବେହେରା ନିଜ ଜନ୍ମସ୍ଥାନ ସମ୍ବଲପୁର ଠାରେ ନିଜର ଦାୟିତ୍ୱ ନିର୍ବାହ କରିବେ। ତାଙ୍କ ମାର୍ଗଦର୍ଶନରେ ଗ୍ରାହକମାନଙ୍କୁ ସର୍ବୋତ୍ତମ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରାଯାଇ ପାରିବ ବୋଲି ବ୍ୟାଙ୍କର ବରିଷ୍ଠ ପଦାଧିକାରୀଙ୍କ ସୂତ୍ରରୁ ଆଶା ପ୍ରକାଶ ପାଇଛି ।

ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ଦିନର ସନ୍ଧ୍ୟା କାର୍ଯ୍ୟକ୍ରମ ସଫଳ ଭାବେ ସମ୍ପନ୍ନ

ଝାରସୁଗୁଡା, ୨/୫(ନି/ପ୍ର) : ସୁଭଦ୍ରା ଶକ୍ତି ମେଳାର ଦ୍ୱିତୀୟ ଦିନର ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ ଆଜି ଭବ୍ୟ ଭାବରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଅତିରିକ୍ତ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ସୂର୍ଯ୍ୟାଂଶୁ ରତ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସୁନନ୍ଦ ମହାରଣା, ଡେପୁଟି ସିଇଓ ଓରମାସ ଯୁବରାଜ ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଳିୟାର ସିଂହ, ଡିପିଏମ ଓଏଲଏମ ଡ଼. ପୁଷ୍ପଶ୍ରୀ ନାୟକ ଏବଂ ସୁରକ୍ଷା ଅଧିକାରୀ ମିନାକ୍ଷୀ ରାଜ ପ୍ରଦୀପ ପ୍ରଜ୍ୱଳନ କରି ସାଂସ୍କୃତିକ ଅନୁଷ୍ଠାନର ଶୁଭାରମ୍ଭ କରିଥିଲେ। ସନ୍ଧ୍ୟାର କାର୍ଯ୍ୟକ୍ରମରେ ବିଭିନ୍ନ ଦଳ ଓ ସଂସ୍ଥାଙ୍କ ପକ୍ଷରୁ ଆକର୍ଷଣୀୟ ନୃତ୍ୟ ଓ ସଙ୍ଗୀତ ପ୍ରଦର୍ଶିତ ହୋଇଥିଲା। ଯବାନ କ୍ଲବ ଦ୍ୱାରା ସମ୍ବଲପୁରୀ ଲୋକନୃତ୍ୟ, ବେହେରାମାଲ ଆଶ୍ରମ ସ୍କୁଲର ଛାତ୍ରୀମାନଙ୍କ ଦ୍ୱାରା ସମ୍ବଲପୁରୀ ଓ କୋରାପୁଟିଆ ଢେମସା, ପଲ୍ଲବୀ ଡ୍ୟାନ୍ସ ଗ୍ରୁପଙ୍କ ପ୍ରଦର୍ଶନ, କରଞ୍ଜିଆର ମଲଖମ୍ଭ, ଦୁର୍ଗା ଗ୍ରୁପଙ୍କ ପାଇକ ନୃତ୍ୟ, ରାଇଜ ଅଫ ଡ୍ୟାନ୍ସ ଏକାଡେମୀଙ୍କ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ଭଜନ ଓ ଜଷ୍ଟ କୁଇକ ଡ୍ୟାନ୍ସ ସହିତ ପୁରୁଣା ସମ୍ବଲପୁରୀ ମେଲୋଡି ଦର୍ଶକମାନଙ୍କୁ ମନୋମୁଗ୍ଧ କରିଥିଲା ।କାର୍ଯ୍ୟକ୍ରମକୁ ଉଦଘୋଷକ ରୁପେଶ ସାହୁ ଓ ଉଦଘୋଷିକା ସ୍ୱେଜଲ ପ୍ରଧାନ ଏବଂ ପ୍ରତୀକ୍ଷା ତ୍ରିପାଠୀ ସୁଚାରୁ ଭାବେ ପରିଚାଳନା କରିଥିଲେ। ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚୱାଣଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଆୟୋଜକ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିଶ୍ୱରଞ୍ଜନ ନାୟକଙ୍କ ଆବାହକତ୍ୱରେ ଦ୍ୱିତୀୟ ଦିନର ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ସମ୍ପନ୍ନ ହୋଇଥିବା ସୂଚନା ମିଳିଛି।

୫୫ ବୟସରେ ବୁଢୀମା ପିଠିରେ ଦୁଇ ନାତୁଣୀଙ୍କ ବୋଝ

ବଲାଙ୍ଗିର,୨/୫(ନି/ପ୍ର): "ହାତେକ୍ ରୁ ଦୁଇ ହାତ" ଶବ୍ଦକୁ ଭୁଲ ପ୍ରମାଣିତ କରିଥିବା ଜଣେ ୫୫ ବର୍ଷୀୟା ବୁଢ଼ୀ ମା'ଙ୍କ କାନ୍ଧରେ ଦୁଇ ନାତୁଣୀଙ୍କ ବୋଝ ଏବେ ଅନ୍ୟ ମାନଙ୍କ ପାଇଁ ଉଦାହରଣ ପାଲଟିଛି । ଯବାନ ବୋହୂ ଅଜଣା ରୋଗରେ ଆରପାରିକୁ ଚାଲି ଯାଇଥିଲା ହେଲେ କୋଳରେ ଜନ୍ମ ଦେଇଥିବା ଦୁଇ ଶିଶୁ କନ୍ୟା ଅନିଶ୍ଚିତ ଜୀବନ ନେଇ ରହିଗଲେ । ସ୍ତ୍ରୀ ମୃତ୍ୟୁ ପରେ ବାପା ମଧ୍ୟ ଶିଶୁ କନ୍ୟା ମାନଙ୍କୁ ପର କରିଦେଲା । ଶିଶୁ ମାନଙ୍କ ପାଇଁ ପିତୃତ୍ୱ ମଧ୍ୟ କଠୋର ହୋଇଗଲା । ମୁରିବାହାଲ ବ୍ଲକ ଅନ୍ତର୍ଗତ ହଳଦୀ ପଂଚାୟତର ପାତଲପଡ଼ା ଗାଁ । ଖଟିଲେ ଖାଇବା ସ୍ଥିତି ଥାଇ ମଧ୍ୟ ଗାଁରେ ରହିଥିବା ମଣିଷ ମାନଙ୍କ ହାତରେ ରୋଜଗାର ନାହିଁ । ବର୍ଷାରେ କିଛି ଶସ୍ୟ ଉତ୍ପାଦନ କରି ଜୀବନ ଧାରଣ କରିଥାନ୍ତି । ତାହା ବି ଏବେ କମି କମି ଆସୁଛି । ତିରୁପତି ଦାଦନ ଖଟିବାକୁ ଯାଉଥିବା ସାମାନ୍ୟ ରୋଜଗାର ପନ୍ଥା ବାହାର କରୁଥିବା ବେଳେ ଏବେ ଦାଦନ କଟକଣା ଜୀବନ ଧାରଣ ପନ୍ଥା ପ୍ରତି ଗତିରୋଧ କରିସାରିଲାଣି । ସେଭଳି ଟେଙ୍ଗେରା ଗାଁର ତିର୍ଥ ପରାଭୋଇ ଓ ବୁଧବାରି ପରାଭୋଇଙ୍କ ଝିଅ ଜନନୀ ପରାଭୋଇ ସାଙ୍ଗରେ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ । ଭାଗ୍ୟରେ ଦୁଇ ଝିଅ ନିତୁ ଓ ଶିବାନୀ । ବଡ଼ ଝିଅକୁ ୫ ବର୍ଷ ଓ ସାନ ଝିଅକୁ ୨ ବର୍ଷ ହୋଇଥିବା ବେଳେ ମାଆ ଜନନୀ ଅଜଣା ରୋଗରେ ଆରପାରିକୁ ଚାଲିଗଲେ । ମାଆଙ୍କ ଚାଲିଯିବାର ଶୂନ୍ୟତା ଶିଶୁମାନେ ଭୋଗୁଥିବା ବେଳେ ବାପା ମେଘୁ ମଧ୍ୟ ସେମାନଙ୍କ ପାଇଁ ଦରଦ ହୀନ ହୋଇଗଲା । ଦାଦନ ଖଟିବାକୁ ଯାଇ ତିରୁପତିରେ ରହିଯାଇଛି ।କେତେବେଳେ କେମିତି ଘରକୁ ଆସି ଶିଶୁ ମାନଙ୍କ ଯତ୍ନ କରୁ ନଥିବା କଥା ପଡା ଲୋକେ ବୟାନ କରନ୍ତି ।

ଓଏସଇବି ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳିତ

ଶ୍ରମିକମାନଙ୍କ ଅଧିକାର ପାଇଁ ସଂଗଠନ କୁ ସୁଦୃଢ କରିବାକୁ ଶପଥ ନେବାକୁ ଆହ୍ୱାନ

ରାଉରକେଲା,୨/୫(ନି/ପ୍ର): ଓଏସଇବି ଏମ୍ପ୍ଲୋଇଜ ୟୁନିୟନ ପକ୍ଷରୁ ଆନ୍ତର୍ଜାତିକ ଶ୍ରମିକ ଦିବସ କୁ ଉଦିତ ନଗର ସ୍ଥିତ ସଂଘ କାର୍ଯ୍ୟାଳୟରେ ମହାସମାରୋହରେ ପାଳନ କରାଯାଇଛି । ଶ୍ରମିକ ଶୋଭାଯାତ୍ରା ଉଦିତ ନଗର ଅଂଚଳ ପରିକ୍ରମା କରିବା ପରେ ଆୟୋଜିତ ଶ୍ରମିକ ସମାବେଶରେ ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗଦେଇ ଶ୍ରମିକ ମାନଙ୍କ ଉପରେ ଆସୁଥିବା ଆକ୍ରମଣ କୁ ଦୁର୍ବାର ସଂଗଠନ ହିଁ ପ୍ରତିହତ କରି ପାରିବ, ତେଣୁ ଶ୍ରମିକ ଶ୍ରେଣୀ ଐକ୍ୟବଦ୍ଧ ହେବାକୁ ସେ ପରାମର୍ଶ ଦେଇଥିଲେ । ଓ ଏସ ଇ ବି ଏମ୍ପ୍ଲୋଇଜ ୟୁନିୟନ ର ସାଧାରଣ ସମ୍ପାଦକ ସନ୍ତୋଷ କୁମାର ସାହୁ ଶ୍ରମିକ ଦିବସ ରେ ସଂଗଠନ ର ରକ୍ତ ପତାକା ଉତ୍ତୋଳନ କରିବା ସହିତ ସମାବେଶ ର ଅଧକ୍ଷତା କରିଥିଲେ । କାର୍ଯ୍ୟକ୍ରମ ରେ ସମ୍ମାନିତ ମୁଖ୍ୟ ବକ୍ତା ଭାବରେ ସିଆଇଟିୟୁ ରାଜ୍ୟ ଉପସଭାପତି ବିମାନ ମାଇତି,ଅନ୍ୟତମ ବକ୍ତା ଭାବେ ସିଟୁ ଜିଲ୍ଲା ସଂପାଦକ ଆଇନଜୀବୀ ରାଜ କିଶୋର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଡଃ ଆଶୁତୋଷ ନାୟକ ପ୍ରମୁଖ ଯୋଗଦେଇ ଆନ୍ତର୍ଜାତିକ ଶ୍ରମିକ ଦିବସ ର ଇତିହାସ, ଆଗାମୀ ଦିନରେ ଶ୍ରମିକ ଶ୍ରେଣୀ ସମ୍ମୁଖୀନ ହେବାକୁ ଥିବା ଚ୍ୟାଲେଞ୍ଜ ଓ ଏହା ର ପ୍ରତିକାର ପାଇଁ ଶ୍ରମିକ ଶ୍ରେଣୀ ର ଐକ୍ୟବଦ୍ଧ ସଂଗ୍ରାମ ଉପରେ ଗୁରୁତ୍ୱାରୋପ କରିଥିଲେ । ୟୁନିୟନର ଉପଦେଷ୍ଟା ଆକୁଳି ଚନ୍ଦ୍ର ପ୍ରଧାନ ମଂଚ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ୟୁନିୟନର ଉପ ସାଧାରଣ ସମ୍ପାଦକ ସୁବ୍ରତ ମିଶ୍ର,ଉପ ସଭାପତି ବିଜୟ ପ୍ରଧାନ,ମୈ।ସମ ଦାସ,କପିଳ ପୃଷ୍ଟି, ପ୍ରଦୀପ ଭୋଳ, ହୃଦାନନ୍ଦ ମହାକୁଡ଼ ପ୍ରମୁଖ ବକ୍ତବ୍ୟ ଦେଇ ଟାଟା ପାୱାର କମ୍ପାନୀ ଶ୍ରମିକ ଶୋଷଣ ବିରୁଦ୍ଧରେ ଆଗାମୀ ଦିନରେ ଆନ୍ଦୋଳନ ସହିତ ସଂଗଠନ କୁ ଶକ୍ତିଶାଳୀ କରିବାକୁ ଆହ୍ୱାନ କରିଥିଲେ । କାର୍ଯ୍ୟକ୍ରମ ରେ ବହୁ ବିଦ୍ୟୁତ ଶ୍ରମିକ କର୍ମଚାରୀ ସାମିଲ ହୋଇଥିଲେ ।

ବନ୍ଧମୁଣ୍ଡାରେ ଶ୍ରମିକ ଦିବସ ପାଳନ

ରାଉରକେଲା,୨/୫(ନି/ପ୍ର): ଭାରତୀୟ ଜନତା ପାର୍ଟି ବନ୍ଧମୁଣ୍ଡା ମଣ୍ଡଳ ପକ୍ଷରୁ ଶ୍ରମିକ ଦିବସ ପାଳନ ଅବସରରେ ଏକ ବିଶେଷ ସମ୍ମାନ ସଭାର ଆୟୋଜନ କରାଯାଇଥିଲା । ଏହି ଅବସରରେ ମଣ୍ଡଳ ଅଧକ୍ଷ ଲକ୍ଷ୍ମଣ ଲୋହାର ଭାରତୀୟ ପରମ୍ପରା ଓ ସଂସ୍କୃତିକୁ ଅନୁସରଣ କରି ସମସ୍ତ ଶ୍ରମିକ ଭାଇମାନଙ୍କୁ ସମ୍ମାନିତ କରିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମୀମାନେ ଶ୍ରମିକମାନଙ୍କ ପ୍ରତି କୃତଜ୍ଞତା ଜଣାଇ ସେମାନଙ୍କର ପାଦ ପ୍ରକ୍ଷାଳନ କରି, ପୁଷ୍ପ ଅର୍ପଣ, ଆରତି କରିବା ସହିତ ଅଙ୍ଗବସ୍ତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ଏହି ଅନନ୍ୟ ଓ ଭାବନାପ୍ରବଣ ପଦକ୍ଷେପ ସମାଜରେ ଶ୍ରମିକମାନଙ୍କ ପ୍ରତି ସମ୍ମାନ ଓ ଆଦରକୁ ଆହୁରି ଶକ୍ତିଶାଳୀ କରିଛି । ମଣ୍ଡଳର ପଦାଧିକାରୀମାନେ କହିଥିଲେ ଯେ ଦେଶର ଗଠନ ଓ ଉନ୍ନତିରେ ଶ୍ରମିକମାନଙ୍କର ଅବଦାନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଓ ସେମାନଙ୍କୁ ସମ୍ମାନ କରିବା ଆମ ସମସ୍ତଙ୍କର କର୍ତ୍ତବ୍ୟ । କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ କର୍ମୀ ଓ ସ୍ଥାନୀୟ ଲୋକମାନେ ଉପସ୍ଥିତ ଥିଲେ ଏବଂ ସମସ୍ତେ ମିଶି ଶ୍ରମିକମାନଙ୍କ ସମ୍ମାନରେ ନିଜର ଭାଗୀଦାରୀ ନିଭାଇଥିଲେ । ଏହି ଅବସରରେ ଶୋଭା ଦେବୀ, ଦୀପା ଦତ, ମନୋରମା ତନ୍ତି, ସତ୍ୟଜିତ ପ୍ରଧାନ, ଅମିତ ସେନ ଗୁପ୍ତା, ମୁକେଶ ସିଂହ, ହରି କିସ୍ରୀ, ବିଦ୍ୟା ପ୍ରସାଦ, ରାହୁଲ ବିଶ୍ୱକର୍ମା ଓ ଚିରଞ୍ଜୀବୀ ରାଓ ସହିତ ଅନେକ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

ଏସଏସଆରଭିଏମ୍ ପରିଚାଳିତ ଇସ୍ପାତ ଇଂରାଜୀ ମାଧ୍ୟମ ସ୍କୁଲର ସଫଳତା

ରାଉରକେଲା,୨/୫(ନି/ପ୍ର): ଆଇସିଏସଇ ମାଟ୍ରିକ ଓ ଆଇସିସି ଯୁକ୍ତ ଦୁଇ ପରୀକ୍ଷା ଫଳ ପ୍ରକାଶିତ ହୋଇଛି । ଏସଏସଆରଭିଏମ୍ ପରିଚାଳିତ ଇସ୍ପାତ ଇଂରାଜୀ ମାଧ୍ୟମ ସ୍କୁଲର ଛାତ୍ରଛାତ୍ରୀମାନେ ସଫଳତା ହାସଲ କରି ସ୍କୁଲକୁ ଗୈ।ରବାନ୍ୱିତ କରିଛନ୍ତି । ଚଳିତ ବର୍ଷ ଶତପ୍ରତିଶତ ଛାତ୍ର ଛାତ୍ରୀ ମାନେ ପାସ୍ କରି ଏଭଳି

ଗୈ।ରବ ଆଣିଛନ୍ତି । ଏନେଇ ସେକ୍ଟର ୨୦ ସ୍ଥିତ ଏସଏସଆରଭିଏମ୍ ଇସ୍ପାତ ଇଂରାଜୀ ମାଧ୍ୟମ ସ୍କୁଲରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏହି ସଫଳତା ପାଇଁ ସ୍କୁଲର ନିର୍ଦ୍ଦେଶକ ଡ ଗିରିଜା ଶଙ୍କର ଦାସଙ୍କ ଅଧକ୍ଷତା ରେ ଆୟୋଜିତ ହେଇଥିବା କାର୍ଯ୍ୟକ୍ରମରେ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ସର୍ବାଧିକ ମାର୍କ ରଖିଥିବା ଛାତ୍ରଛାତ୍ରୀ ଙ୍କୁ ଉନ୍ନରୀୟ, ପୁଷ୍ପ ଓ ମିଷ୍ଟାନ୍ନ ଦିଆଯାଇ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ନିର୍ଦ୍ଦେଶକ ଡ ଦାସ ସଫଳ ହୋଇଥିବା ତଥା ସ୍କୁଲକୁ ଗର୍ବିତ କରିଥିବା ଯୋଗୁଁ ସମସ୍ତଙ୍କୁ ଆଶ୍ରିବଚନ ସହ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଆଗାମୀ ଭବିଷ୍ୟତ ଛାତ୍ର ଛାତ୍ରୀଙ୍କ ପାଇଁ ଶୁଭମୟ ହେଉ ବୋଲି କାମନା କରିଥିଲେ । ସଫଳତା ପାଇଥିବା ଛାତ୍ର ଛାତ୍ରୀ ମାନେ ଏହାର ଶ୍ରେୟ ସ୍କୁଲର ଅଧକ୍ଷା, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକଙ୍କୁ ଦେଇଥିଲେ । କାର୍ଯ୍ୟକ୍ରମରେ ଦ୍ୱାଦଶ ଶ୍ରେଣୀର ୫ ଜଣ ଓ ଦଶମ ଶ୍ରେଣୀର ୧୫ ଜଣଙ୍କୁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ସ୍କୁଲର ଅଧକ୍ଷା ଡ ଖୁସବୁ ଜ୍ୟୋତି, ପ୍ରଶାସନିକ ଅଧିକାରୀ ସୁଚିନ୍ଦ୍ରମ ସେନଗୁପ୍ତ, ଫର୍ଟିଲାଇଜର ସ୍କୁଲର ଅଧକ୍ଷା ଭାରତୀ ଦାସଙ୍କ ସମେତ ବହୁ ସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଓ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ । ଶିକ୍ଷୟିତ୍ରୀ ହରପ୍ରିତ କୈ।ର ମଂଚ ସଂଯୋଜନା କରିଥିଲେ ।

ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ୨ କର୍ମଚାରୀଙ୍କ ଅବସର ଗ୍ରହଣ

ରାଉରକେଲା,୨/୫(ନି/ପ୍ର): ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ରାଉରକେଲା ର କର୍ମଚାରୀ ପ୍ରଦୀପ ମଲ୍ଲିକ ଓ ବଣାଇ କାର୍ଯ୍ୟାଳୟର କର୍ମଚାରୀ ଅକ୍ଷୟ ବେହେରା ଆଜି ନିଜ କାର୍ଯ୍ୟରୁ ଅବସର ଗ୍ରହଣ କରିଛନ୍ତି । ଏହି ଅବସରରେ ରାଉରକେଲା ସ୍ଥିତ କାର୍ଯ୍ୟାଳୟ ପକ୍ଷ ରୁ ଏକ ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା । ସଭାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା ଉଭୟ କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ତାଙ୍କର ଭବିଷ୍ୟ ସୁଖମୟ ହେଉ ବୋଲି କାମନା କରିଥିଲେ ଓ ସଭା ରେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ସମେତ କାର୍ଯ୍ୟାଳୟ ର ଏସଆରଏ ବିନୀତ କର, ପ୍ରାଜେକ୍ସନିଷ୍ଟ ବଦ୍ରିନାଥ, ଉମା ଆହିର, ଯୁଧିଷ୍ଠିର ତ୍ରିପାଠୀ, ସୀତା ପ୍ରଧାନ, ଏଡୱିନ ତିର୍କି ପ୍ରମୁଖ ଉପସ୍ଥତ ଥିଲେ ।

୪ର୍ଥ ରାଉରକେଲା ଆନ୍ତର୍ଜାତୀୟ ବାଣିଜ୍ୟ ମେଳା - ୨୦୨୬" ଅନୁଷ୍ଠିତ

ରାଉରକେଲା,୨/୫(ନି/ପ୍ର): ସ୍ଥାନୀୟ ସେକ୍ଟର -୧୩ ମେଳଣ ପଡ଼ିଆରେ ଗୁପ୍ତା ଇଭେଂଟ ମ୍ୟାନେଜମେଂଟ ପ୍ରା.ଲି. ପକ୍ଷରୁ 'ଆପେଲ ସାଇନ୍ ଆଣ୍ଡ ଗ୍ରାଫିକ୍ସ' ସହାୟତାରେ " ୪ର୍ଥ ରାଉରକେଲା ଆନ୍ତର୍ଜାତୀୟ ବାଣିଜ୍ୟ ମେଳା - ୨୦୨୬" ଅନୁଷ୍ଠିତ ହେବାକୁ ଯାଉଛି । ଏହି ମଲ୍ଟି ସେକ୍ଟର ଇ୨ଇ ଏବଂ ଇ୨ଉ ପ୍ରଦର୍ଶନୀ ପୂର୍ବରୁ ଓଡ଼ିଶାର ଭୁବନେଶ୍ୱର, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର ଠାରେ ଆୟୋଜିତ ହୋଇ ଖୁବ୍ ପ୍ରଶଂସା ସାଉଟିବା ସହ ଏକ ମାଇଲଖୁଂଟ ଇଭେଂଟ ଭାବେ ଉଭା ହୋଇଛି । ଆୟୋଜିତ ହୋଇଥିବା ଇଭେଂଟ ଗୁଡିକରେ ୨୨ ଟି ରାଜ୍ୟ ଏବଂ ୧୦ ଟି ଦେଶରୁ ବିଭିନ୍ନ ବ୍ୟବସାୟିକ ସଂସ୍ଥା ଅଂଶଗ୍ରହଣ କରିଛନ୍ତି । ଡିଜାଇନ୍ ହୋଇଥିବା ଆଉଟଲେଟ ଗୁଡିକ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ସଂରଚନାରେ ଅନ୍ତର୍ଭୁକ୍ତ । ଏହି ମେଳାରେ ରିଏଲ୍ ଇଷ୍ଟେଟ୍, ଷ୍ଟାର୍ଟ ଅପ୍ କମ୍ପାନୀ, ଉତ୍ପାଦକ, ବିକାଶକାରୀ, ବ୍ୟାଙ୍କ, ନିର୍ମାଣ ସାମଗ୍ରୀ, ହାର୍ଡୱେର୍, ଆସବାବପତ୍ର, ଆଭ୍ୟନ୍ତରୀଣ, ଶିକ୍ଷା, ଘର ସାଜସଜ୍ଜା ଆଦି ଉତ୍ପାଦ ସହିତ ଘରୋଇ ଉପକରଣ, ଇଲେକ୍ଟ୍ରୋନିକ୍ସ, ଆର୍ଟିଷ୍ଟିକ୍ସ ପରିଦର୍ଶକମାନେ ରିଅଲ୍ ଇଷ୍ଟେଟ୍, ଷ୍ଟାର୍ଟ-ଅପ୍, ଉତ୍ପାଦନ, ବ୍ୟାଙ୍କିଙ୍ଗ୍, ନିର୍ମାଣ ସାମଗ୍ରୀ, ଆସବାବପତ୍ର, ଆଭ୍ୟନ୍ତରୀଣ ଡିଜାଇନ୍, ହୋମ ଇଲେକ୍ଟ୍ରୋନିକ୍ସ, ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଥାଇ ଫୁଲ, ଆଫଗାନିସ୍ତାନ ଶୁଖିଲା ଫଳ, ରାଜସ୍ଥାନୀ ମାର୍ବଲ, ଇରାନୀ ପର୍ସିଆନ କାର୍ପେଟ, କାଶ୍ମୀରୀ ଫର୍ଣିଚର୍, ଇରାନୀ ଗହଣା, ମାଲେସିଆର ଫାଉଣ୍ଟେନ୍ ଏବଂ ବାଂଲାଦେଶୀ ହ୍ୟାଣ୍ଡଲୁମ୍ ସହ ଭାରତୀୟ ହସ୍ତତନ୍ତ ଭଳି ଉତ୍ପାଦମାନ ଏହି ମେଳାରେ ଅଛି । ବିସ୍ତୃତ ଉତ୍ପାଦ ପ୍ରଦର୍ଶନୀ ସହିତ ଉପସ୍ଥିତ ଲୋକମାନେ ଖାଦ୍ୟ ଜୋନ୍ ରେ ଉପଲବ୍ଧ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଏବଂ ସ୍ୱଚ୍ଛ ଖାଦ୍ୟ ମଧ୍ୟ ପାଇପାରିବେ ଚଳିତ ମାସ ୨୭ ତାରିଖରେ ଇଭେଂଟର ଶୁଭ ଉଦଘାଟନ ହେବାକୁ ଥିବା ବେଳେ ଏହା ୧୧ ଦିନ ଧରି ଚାଲିବ । ରାଉରକେଲା ସହର ସମେତ ସୁନ୍ଦରଗଡ଼ ଜିଲ୍ଲା ଓ ସମଗ୍ର ପଶ୍ଚିମ ଓଡ଼ିଶାରୁ ପ୍ରାୟ ୩ ଲକ୍ଷ ଦର୍ଶକ ଇଭେଂଟର ଭରପୁର ଲାଭ ଉଠାଇବା ସହ, ଅନେକ କ୍ଷେତ୍ରରୁ ଗୁଣାତ୍ମକ ଉତ୍ପାଦମାନ ଏହି ପ୍ରଦର୍ଶନୀରୁ ସୁଲଭ ମୂଲ୍ୟରେ ପାଇପାରିବ ବୋଲି କମ୍ପାନୀ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଜିତ କୁମାର ଗୁପ୍ତା କହିଛନ୍ତି । ଏହି ମେଳା ଉଭୟ ଗ୍ରାହକ ଏବଂ ବ୍ୟବସାୟୀଙ୍କ ପାଇଁ ଅର୍ଥପୂର୍ଣ୍ଣ ସଂଯୋଗ ଏବଂ ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବ ବୋଲି ଲକ୍ଷ୍ୟ ରଖାଯାଇଛି । ଗୁପ୍ତା ଇଭେଂଟ ମ୍ୟାନେଜମେଂଟ ପ୍ରି। ଲିମିଟେଡ୍ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ସୁଜିତ କୁମାର ଗୁପ୍ତା ଏବଂ ଶ୍ରୀମତୀ ପାୟଲ ଆଚାର୍ଯ୍ୟ ଗୁପ୍ତାଙ୍କ ନେତୃତ୍ୱରେ ଏହି ବିଶ୍ୱବ୍ୟାପୀ ବାଣିଜ୍ୟ ଏବଂ ଉପଭୋକ୍ତା ଯୋଗାଯୋଗ ପାଇଁ ଅତୁଳନୀୟ ପ୍ଲାଟଫର୍ମ ସୃଷ୍ଟି କରାଯାଇଛି ।

ରାଉରକେଲାରେ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ଉତ୍ସବ

ରାଉରକେଲା,୨/୫(ନି/ପ୍ର): ଆଜି ଓଡିଶା ଆରକ୍ଷୀ ବାହିନୀର ମୁଖ୍ୟ ତଥା ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୂର ଖୁରାନିଆ ରାଉରକେଲା ସିଭିକ୍ ସେଂଟର୍ ଠାରେ ଆୟୋଜିତ ଏକ ଭବ୍ୟ ସମାରୋହରେ ପଶ୍ଚିମାଂଚଳ ପୋଲିସ୍ ରେଞ୍ଜ ଅଧିନସ୍ଥ ରାଉରକେଲା, କେଉଁଝର ଓ ସୁନ୍ଦରଗଡ଼ ପୋଲିସ୍ ଜିଲ୍ଲାର ପୋଲିସ୍ ବାହିନୀରେ ସଫଳତା ହାସଲ କରିଥିବା କେଉଁଝର ଆରକ୍ଷୀ ଅଧିକ୍ଷକ କୁଶଲକର ନିତିନ୍ ଦାଗୁଡୁଙ୍କ ସମେତ କେଉଁଝର ପୋଲିସର ଇନିସପେକ୍ଟର ଅଶୋକ କୁମାର ନାୟକ, ରାଉରକେଲା ପୋଲିସର ଇନିସପେକ୍ଟର ଅଶୋକ କୁମାର ବେହେରା, ସୁନ୍ଦରଗଡ ପୋଲିସର ଭାବଗ୍ରାହୀ ଜେନା, କେଉଁଝର ପୋଲିସର କନେଷ୍ଟବଲ ଆକାଶ କୁମାର ସାହୁ ଏବଂ ରାଉରକେଲା ଓଏସ୍ଏପି ଚତୁର୍ଥ ବାଟାଲିଅନର ଜେମସ୍ ମୁଣ୍ଡାଙ୍କୁ ସେମାନଙ୍କ କର୍ତ୍ତବ୍ୟ ନିଷ୍ଠା ପାଇଁ ପୋଲିସ୍ ପଦକ ପ୍ରଦାନ କରାଯାଇଛି । ଆଜି ରାଉରକେଲା ସିଭିକ୍ ସେଂଟର୍ ଠାରେ ଆୟୋଜିତ ଆରକ୍ଷୀ ମହାନିର୍ଦ୍ଦେଶକଙ୍କ ପଦକ ପ୍ରଦାନ ଉତ୍ସବର ମୁଖ୍ୟ ଅତିଥି ଭାବରେ ଓଡିଶା ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଯୋଗଦେଇ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ୨୦୨୫ ଓ ୨୦୨୬ ଓଡିଶା ପାଇଁ ଅବିସ୍ମରଣୀୟ ବର୍ଷ ଭାବରେ ଧରାଯାଉଛି । ୨୦୨୬ରେ ଓଡିଶା ପୋଲିସ ୯୦ ବର୍ଷ ପୂରଣ କରି ୯୧ ବର୍ଷରେ ପଦାର୍ପଣ କରିଛି । ଏଥିସହିତ ଓଡିଶାରେ ତିନି ଦଶନ୍ଧି ଧରି ମାଓ ସମସ୍ୟା ଲାଗିରହିଥିଲା ତାହାର ମଧ୍ୟ ଅନ୍ତ ଘଟିଛି । ଓଡିଶା ଆଜି ମାଓ ମୁକ୍ତ ହୋଇଛି । ଓଡିଶା ପାଇଁ ଓଡିଶା ପୋଲିସର ଜୱାନ ଓ ଜନସାଧାରଣ ବଳିଦାନ ଦେଇଛନ୍ତି । ଓଡିଶା ଆଜି ମାଓ ମୁକ୍ତ ହୋଇଥିଲେ ବିପଡୋଶୀ ରାଜ୍ୟର କିଛି ଅଂଚଳରେ ମାଓ ସମସ୍ୟା ରହିଛି, ଏଥିପାଇଁ ଆମକୁ ସତର୍କ ରହିବାକୁ ପଡିବ । ପୋଲିସ ମହାନିର୍ଦ୍ଦେଶକ ୱାଇ ବି ଖୁରାନିଆ ଆହୁରି କହିଥିଲେ ଯେ, ମାଓ ସମସ୍ୟାର ଅନ୍ତ ଘଟିବା ପରେ ଆମ ପାଇଁ ଆଉ ବଡ ଚ୍ୟାଲେଞ୍ଜ ରହିଛି । ତାହା ହେଉଛି 'ସାଇବର କ୍ରାଇମ୍' । ବିଭିନ୍ନ ଉପାୟରେ ସାଇବର କ୍ରାଇମ ହେଉଛି ଏବଂ ଲୋକମାନେ ବିଭିନ୍ନ ମାଧ୍ୟମରେ ସାଇବର କ୍ରାଇମର ଶିକାର ହେଉଛନ୍ତି । ବିଗତ ଦିନରେ ମାସେ ପାଇଁ ଗୋଟେ ଅପରେସନ୍ ଚଳା ଯାଇଥିଲା, ତାହା ହେଉଛି ଅପରେସନ ସାଇବର୍ ଖୋଜ । ସେହି ଅପରେସନ ସମୟରେ ଓଡିଶାର ସମସ୍ତ ଜିଲ୍ଲାକୁ ନିଆଯାଇ ଅପରେସନ୍ ଆରମ୍ଭ କରାଯାଇଥିଲା । ଏଥିରେ ପ୍ରାୟ ୪୭୦୦୦ ବ୍ୟାଙ୍କ ଏକାଉଂଟ ଯାଚଂ କରାଯାଇଥିଲା । ସେଥିମଧ୍ୟରୁ ପ୍ରାୟ ୧୪୦୦ ସନ୍ଦେହ (ସସପେକ୍ଟେଡ) ବ୍ୟାଙ୍କ୍ ଏକାଉଂଟ ବାହାରିଲା । ସେଥିରେ ଯେଉଁ ୩୫୦ରୁ ଅଧିକ ସାଇବର କ୍ରିମିନାଲ ଥିଲେ, ତାଙ୍କୁ ଗିରଫ କରାଯିବା ସହ ପ୍ରଥମଥର ପାଇଁ ସାଇବର କ୍ରାଇମରେ ଜଡିତ ହୋଇଥିବା ୭୦୦୦ ଲୋକଙ୍କୁ ନୋଟିସ୍ ଜାରି କରାଗଲା । ଏଥିପାଇଁ ବିଭିନ୍ନ ଜିଲ୍ଲାରେ ଥିବା ପୋଲିସ୍ ଅଧିକାରୀଙ୍କୁ ପୋଲିସ୍ ମହାନିର୍ଦ୍ଦେଶକ ଧନ୍ୟବାଦ ଜଣାଇଥିଲେ । ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଆହୁରି କହିଥିଲେ ଯେ, ରାଜ୍ୟରେ ୨୦ଟି ସାଇବର ଥାନା ଆରମ୍ଭ କରାଯିବା ସହିତ ସାଇବର ଏକ୍ସପର୍ଟମାନଙ୍କୁ ସେଥିରେ ନିଯୁକ୍ତି ଦିଆଯାଇଛି । ଏଥିସହିତ ସାଇବର କ୍ରାଇମର ତଦନ୍ତ ପାଇଁ ଆଧୁନିକ ପ୍ରଯୁକ୍ତିବିଦ୍ୟାର ସହାୟତା ନିଆଯାଇ ପୋଲିସ୍ ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବା ସହିତ ଜିଲ୍ଲା ସ୍ତରରେ, ରେଞ୍ଜ ସ୍ତରରେ ଏବଂ ରାଜ୍ୟ ସ୍ତରରେ ସଫ୍ଟୱେୟାର, ହାର୍ଡୱେର ଏବଂ ତଦନ୍ତ ପାଇଁ ଆବଶ୍ୟକ ହେଉଥିବା ଯନ୍ତ୍ରପାତି ଯୋଗାଇ ଦିଆଯାଇଛି । ରାଜ୍ୟ ସରକାର ପୋଲିସ୍ ବିଭାଗରେ ୧୭୦୦ ନୂଆ ପଦବୀ ସୃଷ୍ଟି କରିଛନ୍ତି, ଯାହା ଓଡିଶା ଇତିହାସରେ ପ୍ରଥମଥର ପାଇଁ ହୋଇଛି । ଏଥିସହିତ ସମୁଦାୟ ୩୩ ହଜାର ପୋଲିସ୍ ପଦବୀରେ ନିଯୁକ୍ତି ପାଇ ଯେଉଁଦିନ ବିଭିନ୍ନ ଥାନାରେ ଯୋଗଦେଇ କାର୍ଯ୍ୟ ଆରମ୍ଭ କରିବେ ସେଦିନ ଓଡିଶା ପୋଲିସର ଥିବା ସମସ୍ତ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ପୂରଣ ହୋଇପାରିବ ବୋଲି ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଥିଲେ । ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ଆହୁରି କହିଥିଲେ ଯେ, ୨୦୨୫ ଏବଂ ୨୦୨୬ ମାର୍ଚ୍ଚକୁ ଓଡିଶା ପୋଲିସ ପକ୍ଷରୁ ନିଶାମୁକ୍ତକୁ ଏକ ଡ୍ରାଇଭ ଭାବେ ନିଆଯାଇଥିଲା । ଓଡିଶାର ଜନସାଧାରଣଙ୍କୁ ନିଶାମୁକ୍ତ ଅଭିଯାନରେ ସାମିଲ ହେବାକୁ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଆହ୍ୱାନ ଦେଇଛନ୍ତି । ତଦନ୍ତ ପାଇଁ ପ୍ରତ୍ୟେକ ତଦନ୍ତକାରୀ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବା ସହିତ ବାଇକ୍ ଯୋଗାଇ ଦିଆଯାଇଛି । ବର୍ଷେ ମଧ୍ୟରେ ରାଜ୍ୟ ବଜେଟରୁ ଅର୍ଥ ମଧ୍ୟ ଯୋଗାଇ ଦିଆଯାଇଛି । ରାଜ୍ୟରେ ୫ହଜାର ୪୦୦ (ମହିଳା ଓ ଶିଶୁ) ଅପହରଣକୁ ନେଇ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ କହିଥିଲେ ଯେ, ୧୦ ଦିନ ମଧ୍ୟରେ ଏହାର ତଦନ୍ତ କରି ରିପୋର୍ଟ ବାହାର କରାଯାଇଛି, ଯାହାକି ଫଳପ୍ରଦ ହୋଇଛି । ଅପହରଣ ହେବା ପରେ ପରିବାରବର୍ଗ ଥାନାରେ ଅଭିଯୋଗ କରିଛନ୍ତି, କିନ୍ତୁ ଅପହରଣର ଶିକାର ହୋଇଥିବା (ମହିଳା ଓ ଶିଶୁ) ଫେରିବା ପରେ ତାହା ଆଉ ପୋଲିସକୁ ପରିବାର ପକ୍ଷରୁ ଜଣାଯାଇନାହିଁ । ଓଡିଶାର ୨୦ଟି ବିପର୍ଯ୍ୟୟ ପରିଚାଳନା ପାଇଁ ଟିମ୍ ଥିଲା ବେଳେ ଆଉ ୧୦ଟି ନୂଆ ଓଡ୍ରାଫ୍ ଟିମ୍ ଗଠନ କରାଯାଇଛି ବୋଲି ପୋଲିସ୍ ମହାନିର୍ଦ୍ଦେଶକ ଶ୍ରୀ ଖୁରାନିଆ ସୂଚନା ଦେଇଥିଲେ । ସେହିପରି ସଡକ ନିରାପତ୍ତା ପାଇଁ ଆସନ୍ତା ଦୁଇ ମାସ ମଧ୍ୟରେ ସୁନ୍ଦରଗଡ ଜିଲ୍ଲାରେ ଟ୍ରାଫିକରେ ୫୦୦ ଟ୍ରାଫିକ ପୋଷ୍ଟ ସୃଷ୍ଟି କରାଯିବା ସହିତ ଜଣେ ଟ୍ରାଫିକ୍ ଅଧିକ୍ଷକଙ୍କୁ ନିଯୁକ୍ତି ଦିଆଯିବ ବୋଲି ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ କହିଥିଲେ । ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆଙ୍କ ସହିତ ଆଜିର ପଦକ ପ୍ରଦାନ ଉତ୍ସବରେ ପଶ୍ଚିମାଂଚଳ ଡିଆଇଜି ବ୍ରିଜେଶ କୁମାର ରାୟ, ରାଉରକେଲା ଆରକ୍ଷୀ ଅଧିକ୍ଷକ ନିତେଶ ୱାଧୱାନୀ, ସୁନ୍ଦରଗଡ ଆରକ୍ଷୀ ଅଧିକ୍ଷକ ଶ୍ରୀମତୀ ଅମ୍ରିତ୍ ପାଲ କୌର, କେଉଁଝର ଆରକ୍ଷୀ ଅଧିକ୍ଷକ କୁଶଲକର ନିତିନ୍ ଦାଗୁଡୁ, ନ୍ୟାସନାଲ କ୍ୟାଡେଟ୍ କର୍ପସ କମାଣ୍ଡାଂଟ ପ୍ରମୁଖ ମଚାଂସୀନ ଥିଲାବେଳେ ରାଉରକେଲା ସରକାରୀ ମହାବିଦ୍ୟାଳୟ ଏବଂ ମ୍ୟୁନିସିପାଲ ମହାବିଦ୍ୟାଳୟର ଏନସିସି ବାହିନୀର ଛାତ୍ରଛାତ୍ରୀ ଫଟୋ ଉତ୍ତୋଳନ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା । ଏହାପରେ ବିଗତ ଦିନର ପୋଲିସ୍ ବାହିନୀର ଶହୀଦ ଜବାନମାନଙ୍କ ପରିବାରଙ୍କୁ ଓଡିଶା ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ସମ୍ମାନିତ କରିଥିଲେ ।

ଶ୍ୱେତପଦ୍ମା ପାତ୍ରଙ୍କୁ ବିଦାୟୀ ସମ୍ବର୍ଦ୍ଧନା

ଭଦ୍ରକ,୨/୫(ନି/ପ୍ର): ଭଦ୍ରକ ଜିଲ୍ଲା ତୋଫାବିବି କ୍ଲଷ୍ଟର ଅଧିନ ସରକାରୀ ପ୍ରାଥମିକ ବିଦ୍ୟାଳୟ ମୁଣ୍ଡଳୀର ଶିକ୍ଷୟିତ୍ରୀ ଶ୍ୱେତପଦ୍ମା ପାତ୍ରଙ୍କୁ ଆଜି ବିଦ୍ୟାଳୟରେ ଅବସର ସମ୍ବର୍ଦ୍ଧନା ଦିଆଯାଇଛି । ତୋଫାବିବି ସାଧନକେନ୍ଦ୍ର ସଂଯୋଜକ ନିରଞ୍ଜନ ଖିଲାରଙ୍କ ତତ୍ତ୍ୱାବଧାନରେ ଶିକ୍ଷକ ନିରଞ୍ଜନ ରାଉତ୍, କାଦବରାଙ୍ଗ ସାଧନ କେନ୍ଦ୍ର ସଂଯୋଜକ ପ୍ରଦୀପ ପଲେଇ,ଶିକ୍ଷୟିତ୍ରୀ ଭାରତୀ ମିଶ୍ର, ରୋଜାଲିନ୍ ପାତ୍ର,ଗୀତାରାଣି ସାହୁ, ଉମାମଣି ସିଂ, ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଜେନା,ଗୋବିନ୍ଦ ଚନ୍ଦ୍ରରାଉତ, ଶିକ୍ଷକ ଅର୍ନ୍ତଯ୍ୟାମୀ ମଲ୍ଲିକ, ବିଜୟ ଦାସ, ଅଶୋକ ପାତ୍ର, ପାଚିକା ଅହଲ୍ୟା ଦାସଙ୍କ ସମେତ ଏନପିଏସ ସଂଘର ସଭ୍ୟ ଓ ତୋଫାବିବି କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ବିଦାୟୀ ଶିକ୍ଷୟିତ୍ରୀ ଶ୍ରୀମତି ପାତ୍ରଙ୍କ ମହନୀୟ ଗୁଣାବଳୀ ଉପରେ ଆଲୋକପାତ କରିଥିଲେ ।

ଆରଏସପି, କେନ୍ଦ୍ରୀୟ ଯାନ୍ତ୍ରିକ ରକ୍ଷଣାବେକ୍ଷଣ ବିଭାଗ କର୍ମଚାରୀଙ୍କ ଉଦ୍ୟମୀ ପ୍ରୟାସକୁ ଏକ ଅନନ୍ୟ ସ୍ୱୀକୃତି

ରାଉରକେଲା,୨/୫(ନି/ପ୍ର): ସେଲ୍, ଆରଏସପି ଅନ୍ତର୍ଗତ ସେଣ୍ଟ୍ରାଂଲାଇଜ୍ଡ ମେକାନିକାଲ୍ ମେଟେଂନାନ୍ସ (ସିଏମଏମ) ବିଭାଗର କର୍ମଚାରୀଙ୍କ ଉଦ୍ୟମୀ ପ୍ରୟାସ ସମ୍ପ୍ରତି କାରଖାନା ପାଇଁ ଯଥେଷ୍ଟ ଖର୍ଚ୍ଚ ସଚଂୟ କରିବା ସହ ସମ୍ବଳ ଉପଲବ୍ଧି ସୁନିଶ୍ଚିତ କରିଛି । ବିଭାଗର ଜୁନିଅର୍ ଇଞ୍ଜିନିୟର ଶ୍ରୀ ଜେ ଜେ ପାଢିଙ୍କ ନେତୃତ୍ୱରେ ସିଏମଏମ ୱିଚଂ ଅଚଂଳର ଏକ ଉତ୍ସର୍ଗୀକୃତ ଦଳ, ନିଜସ୍ୱ ସମ୍ବଳ ଉପଯୋଗରେ ଏକ ଗୁରୁତ୍ୱପୂର୍ଣ୍ଣ, ଉଚ୍ଚ-ମୂଲ୍ୟଯୁକ୍ତ ୫ ଟନ୍ କ୍ଷମତା ବିଶିଷ୍ଟ ୱିଂଚ୍‌କୁ ସଫଳତାର ସହ ପୁନଃନିର୍ମାଣ ଏବଂ ପୁନଃସ୍ଥାପିତ କରିଛି । ଏକ ପ୍ରେରଣାଦାୟୀ ଉଦ୍ୟମରେ, ଶ୍ରୀ ପାଢି ଏପ୍ରିଲ ୨୮ ତାରିଖରେ ୱିଚଂ ସେକ୍ସନରେ ପୁନଃନିର୍ମାଣ କରାଯାଇଥିବା ୱିଚଂକୁ କାର୍ଯ୍ୟ ସମର୍ପଣ କରିଥିଲେ । ଏହି ଅବସରରେ ସିଏମଏମ (ରିପେୟାର କନଷ୍ଟ୍ରକ୍ସନ୍ ମେକାନିକାଲ୍) ବିଭାଗର ଜିଏମ ଶ୍ରୀ ଏସପି ପଟେଲଙ୍କ ସହ ବିଭାଗର ବହୁ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତଥିଲେ । ଉଲ୍ଲେଖଯୋଗ୍ୟ, କୋକ ଓଭେନ ବିଭାଗରେ ୨୦୦୦ ମସିହାରେ କ୍ରୟ କରାଯାଇଥିବା ଏହି ୱିଚଂ, ନିଜର କାର୍ଯ୍ୟକାଳ ପରେ ମରାମତି ଅନୁପଯୋଗୀ ହୋଇ ଅଚଳ ଅବସ୍ଥାରେ ଥିଲା । ଯାହାକୁ ସମ୍ପୂର୍ଣ୍ଣ ପୁନରୁଦ୍ଧାର କରାଯାଇଛି । ଏହାର କ୍ଷତିଗ୍ରସ୍ତ ଆସେମ୍ବଲି ଏବଂ ଡ୍ରମ୍ କଣ୍ଟ୍ରୋଂଲରକୁ ଏକ ଇନ-ହାଉସ୍ ଏଲଡ୍ରୋ ବ୍ରେକ୍ ଆସେମ୍ବଲି ଏବଂ ପ୍ୟାନେଲ୍ ନିୟନ୍ତ୍ରଣ ସିଷ୍ଟମ ସହିତ ବଦଳାଯାଇଥିଲା । ଏଥିସହ ଏହାର ଡ୍ରାଇଭ୍ ମୋଟର ଏବଂ ଗିଅର୍ବକ୍ସ ମରାମତି ମଧ୍ୟ କରାଯାଇଥିଲା । ଅଧିକନ୍ତୁ ଏକ ନୂତନ ୱିଚଂ ରୋପ୍ ସ୍ଥାପନ କରାଯାଇ ବିହିତ ଲୋଡ୍ ପରୀକ୍ଷଣ ପରେ, ୱିଚଂକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଘୋଷଣା କରାଯାଇଥିଲା । ଏହି ନବସୃଜନ ନୂତନ କ୍ରୟ ଜନିତ ଖର୍ଚ୍ଚକୁ ହ୍ରାସ କରି କାରଖାନା ପାଇଁ ଯଥେଷ୍ଟ ସଚଂୟ ସୁଯୋଗ ଆଣିଦେଇଛି । ଯାହା ଅଭିନବ ସମ୍ବଳ ପରିଚାଳନା ଏବଂ ସାମୂହିକ ବୈଷୟିକ ଉତ୍କର୍ଷର ଉଦାହରଣ ଅଟେ ।